୬ ଆଇସିସି ଓଡିଆଇ ର୍‍ୟାଙ୍କିଂରୁ ହଟିଲା ବିରାଟ-ରୋହିତଙ୍କ ନାମ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୦୩ ● ୨୧ ଅଗଷ୍ଟ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-203 ● 21st August 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୪୫୧୫ କୋଟିର ୧୯ଟି ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ଏସଡବ୍ଲ୍ୟୁସିର ମଞ୍ଜୁରୀ

### ସୃଷ୍ଟି ହେବ ୮୨୦୦ରୁ ଅଧିକ ନିଯୁକ୍ତି

ଭୁବନେଶ୍ୱର, ୨୦।୮
ନ୍ୟୁଜ୍ ବ୍ୟୁରୋ




ରାଜ୍ୟରେ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇ ମୋଟ ୪,୫୧୫ କୋଟି ଟଙ୍କାର ୧୯ଟି ନୂଆ ଶିଳ୍ପ ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି ଓଡ଼ିଶା ସରକାର। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୩୯ତମ ରାଜ୍ୟସ୍ତରୀୟ ସିଙ୍ଗିଲ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରତିଷ୍ଠା ହେବ ଏବଂ ଏହା ଦ୍ୱାରା ୮,୨୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାର ଆକଳନ କରାଯାଇଛି।

ଇନକ୍ସ ସୋଲାର ଲିମିଟେଡ୍ ଢେଙ୍କାନାଳରେ ୨୮୩ କୋଟି ଟଙ୍କା ନିବେଶରେ ୫ ଜିଡବ୍ଲ୍ୟୁଏଚ୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ ପ୍ଲାଣ୍ଟ ସ୍ଥାପନ କରିବ। ଯେଉଁଥିରେ ୫୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ଯାଜପୁରରେ ୯୦ କୋଟି ଟଙ୍କା ବ୍ୟୟରେ ୧,୫୦୦ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କାରଖାନା ସ୍ଥାପନ କରିବ, ଯେଉଁଥିରେ ୮୯ଟି ନିଯୁକ୍ତି ସୃଷ୍ଟି ହେବ।

ଗଞ୍ଜାମରେ ରାୟପୁରର ଏକ କମ୍ପାନୀ ୭୫୦ କୋଟି ଟଙ୍କା ନିବେଶରେ ୨ ଜିଡବ୍ଲ୍ୟୁ ସୌର ସେଲ୍ ଉତ୍ପାଦନ କାରଖାନା ସ୍ଥାପନ କରିବ, ଯେଉଁଥିରେ ୫୧୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଗ୍ରାଭିଟା ଇଣ୍ଡିଆ ଲିମିଟେଡ୍ ଅନୁଗୁଳରେ ୩୫୦ କୋଟି ଟଙ୍କାରେ ରିଫାଇନ୍ଡ ଲେଡ୍, ଆଲଏ ଓ ପିପି ଗ୍ରାନ୍ୟୁଲ୍ ରିସାଇକ୍ଲିଂ କାରଖାନା ସ୍ଥାପନ କରିବ ଯେଉଁଥିରେ ୨୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଷ୍ଟାରକ୍ୟାମ୍ବ ଗ୍ଲୋବାଲ ଏଲଏଲପି ଖୋର୍ଦ୍ଧାରେ ୮୦ କୋଟି ଟଙ୍କା ବ୍ୟୟରେ ଔଷଧ ଉତ୍ପାଦନ (ପୃଷ୍ଠା ୭ରେ)

## ନବୀନଙ୍କ ସହ ଫୋନ୍‌ରେ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୮
ନ୍ୟୁଜ୍ ବ୍ୟୁରୋ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ମୋଦୀ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ନବୀନଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଦିଲ୍ଲୀ ଆସିଲେ ନବୀନଙ୍କୁ ଭେଟିବାକୁ ବି କହିଛନ୍ତି ପ୍ରଧାନମନ୍ତ୍ରୀ।

ଶୁକ୍ରବାର ସନ୍ଧ୍ୟାରେ ନବୀନ ଡିହାଇଡ୍ରେସନ ଜନିତ ଅସୁସ୍ଥତା ଅନୁଭବ କରିଥିଲେ। ପ୍ରଥମେ ଏକ ଡାକ୍ତରୀ ଦଳ ନବୀନ ନିବାସରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ହେଲେ ଅଧିକ ପରୀକ୍ଷା ନିରୀକ୍ଷା କରିବା ଲାଗି ହସ୍ପିଟାଲ୍ ଆଣିବା ପାଇଁ ପରାମର୍ଶ ଦେବା ପରେ ସେ ସମ୍ ଅଲ୍ଟିମେଟ୍ ହସ୍ପିଟାଲ ଯାଇଥିଲେ।

ଉଲ୍ଲେଖଯୋଗ୍ୟ, ଜୁନ୍ ୨୦ରେ ନବୀନ ପଟ୍ଟନାୟକ ସର୍ଭାଇକାଲ ଆର୍ଥ୍ରାଇଟିସ୍ ଅପରେସନ ପାଇଁ ମୁମ୍ବାଇର ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୨ରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେଠାରେ ୨୧ ଦିନ ରହିବା ପରେ ସୁସ୍ଥ ହୋଇ ଜୁଲାଇ ୧୨ରେ ସେ ଭୁବନେଶ୍ୱର ଫେରିଥିଲେ। ସେବେଠାରୁ ନବୀନ ନିବାସରେ ସେ ରହିବା ସହିତ ଦଳୀୟ ନେତୃବୃନ୍ଦଙ୍କ ସହିତ କମ୍ ସାକ୍ଷାତ ଆଲୋଚନା କରୁଥିବା ଜଣାଯାଇଛି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ନେଇ ଦଳର ବରିଷ୍ଠ ନେତା ତଥା ବିଧାୟକ ପ୍ରତାପ ଦେବ କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ଖୁବ୍‌ଶୀଘ୍ର ଭଲ ହୋଇଯାଆନ୍ତୁ। ଏହା ସହିତ ତାଙ୍କ ପ୍ରତି ରାଜ୍ୟବାସୀଙ୍କ ଆଶୀର୍ବାଦ ରହିଛି।

## ୩୦ ଦିନ ଜେଲ୍‌ରେ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ !

ନୂଆଦିଲ୍ଲୀ, ୨୦।୮



ବିଲ୍‌କୁ ବିରୋଧୀ ଜୋରଦାର ବିରୋଧ କରୁଛନ୍ତି। ସେମାନେ ବୁଧବାର ଲୋକସଭା ଭିତରେ ବିଲ୍‌ର କପିକୁ ଚିରି ଫିଙ୍ଗି ଦେଇଛନ୍ତି। ଏହାକୁ ସେମାନେ ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି।

ଯଦି କୌଣସି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଗିରଫ ହେବା ପରେ ଲଗାତର ୩୦ ଦିନ ଜେଲରେ ରହିବେ, ତା'ହେଲେ ସେମାନଙ୍କ ପଦ ଆପେ ଆପେ ଚାଲିଯିବ। ଗୁରୁତର ଅପରାଧିକ ଦଫାରେ ଯଦି କୌଣସି ଲୋକପ୍ରତିନିଧି ୩୦ ଦିନ ଜେଲରେ ରହୁଛନ୍ତି, ତା'ହେଲେ ୩୧ତମ ଦିନରେ ସେ ପଦ ହରାଇବେ। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଲାଗୁ ହେବ।

ଏହା ସହ ଜଡ଼ିତ ବିଲ କେନ୍ଦ୍ର ସରକାର ଲୋକସଭାରେ ଆଗତ କରିଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗୃହରେ କ୍ରିମିନାଲ ନେତା ବିଲକୁ ଉପସ୍ଥାପନ କରିଛନ୍ତି। କିନ୍ତୁ ଏହାକୁ ବିରୋଧୀ ଜୋରଦାର ବିରୋଧ କରୁଛନ୍ତି। ସେମାନେ ବୁଧବାର ଲୋକସଭା ଭିତରେ ବିଲ୍‌ର କପିକୁ ଚିରି ଫିଙ୍ଗି ଦେଇଛନ୍ତି। ଏହାକୁ ସେମାନେ ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି। ବିଲ ଆଇନରେ ପରିଣତ ହେଲେ ଜନପ୍ରତିନିଧିଙ୍କ ଗୁରୁତ୍ୱ ରହିବ ନାହିଁ ଓ ଦେଶ ପୁଲିସ୍ ଷ୍ଟେଟରେ ପରିଣତ ହେବ ବୋଲି ସେମାନେ କହିଛନ୍ତି।

ଅମିତ ଶାହ ବୁଧବାର ଲୋକସଭାରେ କେନ୍ଦ୍ର ଶାସିତ ଅଞ୍ଚଳ(ସଂଶୋଧନ ବିଲ) ୨୦୨୫, ସମ୍ବିଧାନ(୧୩୦ତମ ସଂଶୋଧନ) ବିଲ ୨୦୨୫ ଓ ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ ୨୦୨୫କୁ ଉପସ୍ଥାପନ କରିଛନ୍ତି। ଏହି ୩ ଗୁରୁତ୍ୱପୂର୍ଣ୍ଣ ବିଲଗୁଡ଼ିକର ବିଚାର ପାଇଁ ଏହାକୁ ସଂସଦୀୟ କମିଟିକୁ ପଠାଯିବ ବୋଲି ଜଣାପଡ଼ିଛି।

ଏଯାଏ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହେଉଥିବା ଜନ ପ୍ରତିନିଧି ହିଁ ପଦ ହରାଇବାର ପ୍ରାବଧାନ ରହିଛି। ତେଣୁ ଏହା ଗୋଟିଏ ସାମ୍ବିଧାନିକ ସଂଶୋଧ ବିଲ। ସମ୍ବିଧାନକୁ ସଂଶୋଧନ କରି ଏପରି ପ୍ରାବଧାନକୁ ଯୋଡ଼ିବାକୁ ସରକାର ଚାହୁଁଛନ୍ତି। ଧାରା ୭୫, ୧୬୪ ଓ ୨୩୯ଏ ଏକୁ ସଂଶୋଧନ କରିବାକୁ ସରକାର ଚାହୁଁଛନ୍ତି।

ପ୍ରସ୍ତାବିତ ଆଇନରେ କୁହାଯାଇଛି ଯେ ଯଦି ଜଣେ ପ୍ରଧାନମନ୍ତ୍ରୀ, ଯେକୌଣସି କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀ ଗିରଫ ହୋଇ ୩୦ ଦିନ ଜେଲରେ ରୁହନ୍ତି, ତା'ହେଲେ ୩୧ ତମ ଦିନ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ କିମ୍ବା ସେ ଆପେ ଆପେ ପଦ ହରାଇବେ।

ବିରୋଧୀଙ୍କ କହିବା କଥା ଯେ ଏପରି ସମ୍ବିଧାନ ସଂଶୋଧନ ବିଲ ଜରିଆରେ କେନ୍ଦ୍ର ସରକାର ବିରୋଧୀ (ପୃଷ୍ଠା ୭ରେ)

## ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୦।୮ : ନ୍ୟୁଜ୍ ବ୍ୟୁରୋ

ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ଇଣ୍ଟର କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ ଅଗ୍ନି-୫ର ସଫଳ ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଓଡିଶାରେ ପ୍ରଥମ ସମୁଦ୍ର ଜଳ ଶୁଦ୍ଧିକରଣ ପ୍ଲାଣ୍ଟ ଆରମ୍ଭ।
- ମୟୂରଭଞ୍ଜରେ କିଶୋରୀଙ୍କୁ ବଳାତ୍କାର ଉଦ୍ୟମ, ୩ଜଣ ଗିରଫ।
- କୋରାପୁଟରେ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଭବନ ଉଦଘାଟନ କଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ।
- ମାତା-ପିତାଙ୍କ ସାମ୍ନାରେ ଝିଅକୁ ଅପହରଣ,୨ଦିନ ପରେ ମଧ୍ୟ ପୋଲିସ୍ ଉଦ୍ଧାର କରିପାରିଲା ନାହିଁ।
- ମହିଳା କର୍ମଚାରୀଙ୍କୁ ଉତ୍ପୀଡନ କରିବାର ଅଭିଯୋଗରେ ବରଗଡରେ ବ୍ୟାଙ୍କ ମ୍ୟାନେଜର ଗିରଫ
- ଭୁଲ ଇଞ୍ଜେକ୍ସନ୍ ଦେବା ପରେ ଯୁବକଙ୍କର ମୃତ୍ୟୁ।
- ଶିଶୁବାଟିକା ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ମାଗଣା ୟୁନିଫର୍ମ-୩.୧ଲକ୍ଷରୁ ଅଧିକ ଶିଶୁଙ୍କୁ ସହାୟତା ।
- ନିଲମ୍ବିତ ଓଡିଶା ପୋଲିସ୍ ଏସ.ଆଇ ଗିରଫ, କିଶୋରୀଙ୍କ ସହ ବିବାହ ନିର୍ଯାତନା ମାମଲାର ଆରୋପ।
- ରାଜସ୍ଥାନ ଓ ଓଡିଶାରେ ୯.୮ହଜାର କୋଟିର ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ।

## ମେଟ୍ରୋ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର

ନୂଆଦିଲ୍ଲୀ, ୨୦।୮



ଭୁବନେଶ୍ୱର ମେଟ୍ରୋ ପାଇଁ ଫିଟୁଛି ବାଟ। କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର । କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ରାଜ୍ୟ ମନ୍ତ୍ରୀ ତୋଖାନ ସାହୁ ରାଜ୍ୟସଭାରେ ଏନେଇ ଉତ୍ତର ରଖିଛନ୍ତି । ସେ କହିଛନ୍ତି ମେଟ୍ରୋ ରେଳ ପ୍ରକଳ୍ପଗୁଡ଼ିକ ବ୍ୟୟସାପେକ୍ଷ। ତେଣୁ ଏହି ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ଏବଂ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ମେଟ୍ରୋ ନୀତି ୨୦୧୭ ର ବ୍ୟବସ୍ଥା ଅନୁଯାୟୀ ଯୋଜନା କରାଯାଇଛି। ଓଡ଼ିଶା ସରକାର ପୂର୍ବରୁ ଭାରତ ସରକାରଙ୍କ ସୂଚନା ଏବଂ ଆର୍ଥିକ ସହାୟତା ବିନା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହିତ ଆଗକୁ ବଢ଼ିଥିଲେ।

ଓଡ଼ିଶା ସରକାର ବର୍ତ୍ତମାନ ସୂଚନା ଦେଇଛନ୍ତି ଯେ ସେମାନେ ଦୀର୍ଘକାଳୀନ କାର୍ଯ୍ୟକ୍ଷମତା, ସ୍ଥାୟୀତ୍ୱ ଏବଂ ସହରାଞ୍ଚଳ ଗତିଶୀଳତା ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଗତିଶୀଳତା ଯୋଜନାର ସାମଗ୍ରିକ ଦୃଷ୍ଟିକୋଣ ଅନୁଯାୟୀ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପର୍ଯ୍ୟାୟର ପୁନଃମୂଲ୍ୟାୟନ ଏବଂ ପୁନର୍ଗଠନ କରୁଛନ୍ତି। ଓଡ଼ିଶା ସରକାର ସୂଚନା ଦେଇଛନ୍ତି ଯେ ଫିଜିବିଲିଟ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରୁ ମେଟ୍ରୋ ପ୍ରକଳ୍ପର ମୂଳ ସମ୍ଭାବ୍ୟତା ଫଳାଫଳ ଅନୁଯାୟୀ, ୨୦୨୮, ୨୦୩୧, ୨୦୪୧, ୨୦୫୧ ଏବଂ ୨୦୫୪ ବର୍ଷ ପାଇଁ ଦୈନିକ ଯାତ୍ରୀ ସଂଖ୍ୟା ଯଥାକ୍ରମେ ୬୭,୩୬୭, ୭୨,୨୧୪, ୯୮,୮୩୫, ୧,୪୨,୭୪୦ ଏବଂ ୧,୭୦,୫୬୪ ହେବ।

## ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନଃନିର୍ମାଣ କରାଯାଉଛି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମିତ ହେବାକୁ ଥିବା ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ଆର୍କିଟେକ୍ଟଙ୍କୁ ପରାମର୍ଶ (ପୃଷ୍ଠା ୭ରେ)

## ଭୁବନେଶ୍ୱର ନୂଆ ସହର ପାଇଁ ୩୩୯ ହେକ୍ଟର ଜମି ଚିହ୍ନଟ

ଭୁବନେଶ୍ୱର, ୨୦।୮
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରରେ ଉଚ୍ଚମାନର ସହରୀ ଭିତ୍ତିଭୂମି ସ୍ଥାପନକୁ ଆହୁରି ଜୋରଦାର କରାଯାଇଛି। ବୁଧବାର 'ସୁର୍ବନା ଜୁରୋଙ୍ଗ'ର ଅଧିକାରୀମାନେ ଗୃହ ଓ ସହରୀ ବିକାଶ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି।

ଆଲୋଚନାରେ ଭୁବନେଶ୍ୱର ନୂଆ ସହର ପ୍ରକଳ୍ପ ଉପରେ ସହରୀ ଭିତ୍ତିଭୂମି ଓ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ମହତ୍ତ୍ୱାକାଂକ୍ଷୀ ସୁର୍ବନା ଜୁରୋଙ୍ଗ ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ର ଓ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମଲହୋତ୍ରା ଖାରବେଳ ଭବନରେ ଶ୍ରୀମତୀ ପାଢ଼ୀଙ୍କୁ ଭେଟି ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା କରିଥିଲେ।



ଓଡ଼ିଶା ସରକାର ପ୍ରସ୍ତାବିତ ନୂଆ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ପ୍ରକଳ୍ପର ଧାରଣାପତ୍ର ଗୃହ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ସହରୀ ଚ୍ୟାଲେଞ୍ଜ ପାଣ୍ଠିକୁ ଉପସ୍ଥାପନ କରାଯିବ। ମାଷ୍ଟର ପ୍ଲାନ ପ୍ରସ୍ତୁତ ଓ ବିକାଶ ପାଇଁ ଉପଯୁକ୍ତ ଉତ୍ପାଦ ମିଶ୍ରଣ ସୁପାରିସ କରିବା ପାଇଁ ଭୁବନେଶ୍ୱର ବିକାଶ ପ୍ରାଧିକରଣ ଜେଏଲଏଲକୁ ନିଯୁକ୍ତ କରିବ। ଉଲ୍ଲେଖଯୋଗ୍ୟ, ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଓ ଜେଏଲ୍‌ଏଲ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

ଭୁବନେଶ୍ୱର, ୨୦।୮
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ ଘଟିଛି। ୯୧ ବର୍ଷ ବୟସରେ ଆଖି ବୁଜିଛନ୍ତି ପଦ୍ମଶ୍ରୀ ବିନୋଦ ପଶାୟତ। ସମ୍ବଲପୁର ସଦର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସେ ଚିକିତ୍ସିତ ହେଉଥିଲେ।

ବିନୋଦ ପଶାୟତ ଓଡ଼ିଶାର ଜଣେ ପ୍ରଖ୍ୟାତ କବି ଏବଂ ଲେଖକ। ସମ୍ବଲପୁରୀ / କୋଶଲୀ ସାହିତ୍ୟରେ ତାଙ୍କର ଅବଦାନ ଅମୂଲ୍ୟ। ସେ ତାଙ୍କ କବିତା ଏବଂ ଅନ୍ୟାନ୍ୟ ଲେଖାରେ ସରଳତା ପାଇଁ ଲୋକପ୍ରିୟ। ତାଙ୍କର ସମ୍ବଲପୁରୀ ଲୋକଗୀତ ପାଇଁ ସେ ପଶ୍ଚିମ ଓଡ଼ିଶାର ବିଶାଳ ଅଞ୍ଚଳରେ ବହୁଳ ଭାବରେ ପରିଚିତ। ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଅପରାଧୀ ଯଦି ହେଇଥିବ ତେବେ
ଲଢିପାରିବେନି ନେତା
ଯଦି ହେଇଥିବେ ମନ୍ତ୍ରୀ
ତେବେ ଉଡିଯିବ ଛତା
ଇଏ ନୂଆ ବିଲ୍ କଥା
ଶୁଣି ଏକଥା ରକତ ଶୁଖଇ
ଘୁରିଯାଏ ମୁଣ୍ଡ ମଥା ।

## ଭାରତ ପାଇଁ ହାତ ଖୋଲି ଦେଲା ଋଷ୍



ନୂଆଦିଲ୍ଲୀ, ୨୦।୮

ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତ ଉପରେ ଆମେରିକା ଚାପ ସୃଷ୍ଟି କରିବା ସଂପୂର୍ଣ୍ଣ ଭାବେ ଏକତରଫା ଓ ଅନୁଚିତ।

ଯଦି ଭାରତୀୟ ଦ୍ରବ୍ୟ ଆମେରିକା ମାର୍କେଟରେ ପ୍ରବେଶ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତା'ହେଲେ ଋଷ ନୂଆଦିଲ୍ଲୀ ରପ୍ତାନୀ କରୁଥିବା ଦ୍ରବ୍ୟକୁ ସ୍ୱାଗତ କରିବ। ଋଷର ଦ୍ୱାର ଭାରତ ପାଇଁ ସବୁବେଳେ ଖୋଲା ରହିଛି। ବୁଧବାର ଏଭଳି କିଛି କହିଛନ୍ତି ଋଷର ଜଣେ ବରିଷ୍ଠ କୂଟନୀତିଜ୍ଞ।

ଜାତୀୟ ରାଜଧାନୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଋଷର ଡେପୁଟି ଚିଫ ଅଫ ମିଶନ ରୋମାନ ବାବୁସକିନ କହିଛନ୍ତି ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତ ଉପରେ ଆମେରିକା ଚାପ ସୃଷ୍ଟି କରିବା ସଂପୂର୍ଣ୍ଣ ଭାବେ ଏକତରକଫା ଓ ଅନୁଚିତ।

ଯଦି ଭାରତୀୟ ଦ୍ରବ୍ୟଗୁଡ଼ିକ ଆମେରିକା ବଜାରରେ ପ୍ରବେଶ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତା'ହେଲେ ଋଷ ବଜାର ଭାରତୀୟ ରପ୍ତାନୀକୁ ସ୍ୱାଗତ କରିବ। କଟକଣା ସେମାନଙ୍କୁ ଆଘାତ ଦେଉଛି, ଯେଉଁମାନେ ଏହାକୁ ଲାଗୁ କରୁଛନ୍ତି। ଭାରତ ପାଇଁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ। (ପୃଷ୍ଠା ୭ରେ)

## ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ଏନଡିଏ ପ୍ରାର୍ଥୀ ସିପି ରାଧାକୃଷ୍ଣନ



ନୂଆଦିଲ୍ଲୀ, ୨୦।୮

ଏନଡିଏର ଉପରାଷ୍ଟ୍ରପତି ପଦର ପ୍ରାର୍ଥୀ ସିପି ରାଧାକୃଷ୍ଣନ ବୁଧବାର ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ ନୀତିନ ଗଡକରୀଙ୍କ ସହିତ ଏନଡିଏର ସମସ୍ତ ସହଯୋଗୀ ଦଳର ନେତା ଉପସ୍ଥିତ ଥିଲେ । ରାଧାକୃଷ୍ଣନଙ୍କ ପକ୍ଷରୁ ୪ ସେଟ୍ ନାମାଙ୍କନ ଦାଖଲ କରାଯାଇଥିଲ । ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ସେଟର ପ୍ରସ୍ତାବକ ଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ କରୁଛି ବଡ଼ ପ୍ଲାନ

ବଡ଼ ପ୍ଲାନ କରୁଛି ଭାରତ। ଆମେରିକାଠୁ ନେବ ବଦଲା। ଏବେ ଥରହର ଡୋନାଲ୍ଡ ଟ୍ରମ୍ପ। ମିତ୍ର ମିତ୍ର କହି ଭାରତର ଚେର କାଟୁଛି ଆମେରିକା। ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ଭାରତ। ନୂଆ ବଜାର ଉପରେ ଭାରତର ନଜର। ଯାହାକୁ ନେଇ ଚିନ୍ତାରେ ଟ୍ରମ୍ପ ସରକାର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ଏବେ ଆମେରିକାର ଏହି ଟାରିଫ୍‌କୁ ମୁକାବିଲା କରିବାର ଉପାୟ ଖୋଜୁଛି। ଭାରତରୁ ଆମେରିକା ମାଛ ଏବଂ ସାମୁଦ୍ରିକ ଖାଦ୍ୟ ଆମଦାନୀ କରୁଛି। ଦେଶର ମାଛ ରପ୍ତାନି ଉପରେ ଟାରିଫ୍‌ର ଗମ୍ଭୀର ପ୍ରଭାବ ବିଷୟରେ ଚିନ୍ତା ମଧ୍ୟରେ, ସରକାର ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀମାନଙ୍କୁ ଚିଙ୍ଗୁଡ଼ି ଏବଂ ଅନ୍ୟାନ୍ୟ ମାଛ କିସମ ବିକ୍ରୟ କରିବା ପାଇଁ ବିକଳ୍ପ ବଜାର ଖୋଜିବା ଆରମ୍ଭ କରିବାକୁ କହିଛନ୍ତି। କେନ୍ଦ୍ର ମତ୍ସ୍ୟ ଏବଂ ପଶୁପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏହି ବିଷୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ସେ କହିଛନ୍ତି, ଆମେ ସେମାନଙ୍କୁ (ରପ୍ତାନିକାରୀମାନଙ୍କୁ) ବର୍ତ୍ତମାନର ଚ୍ୟାଲେଞ୍ଜକୁ ସାହସର ସହିତ ସାମ୍ନା କରିବାକୁ କହିଛୁ। ବିକଳ୍ପ ବଜାର ଉପଲବ୍ଧ। ଯେଉଁଠାରେ ଇଚ୍ଛାଶକ୍ତି ଅଛି, ସେଠାରେ ଏକ ଉପାୟ ଅଛି। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ନୂତନ ବଜାର ପାଇବା ପାଇଁ, ବ୍ୟବସାୟୀମାନଙ୍କୁ ଅଧିକ ମୂଲ୍ୟ ବୃଦ୍ଧି ଏବଂ ଉତ୍ତମ ପ୍ୟାକେଜିଂର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ପଡିବ। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଆମେ ସେମାନଙ୍କୁ (ରପ୍ତାନିକାରୀମାନଙ୍କୁ) ଏହି ଦିଗରେ କାମ କରିବାକୁ କହିଛୁ। ଗତ ଦଶ ବର୍ଷ ମଧ୍ୟରେ ଭାରତର ମାଛ ରପ୍ତାନି ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ୩୦ ହଜାର କୋଟି ଟଙ୍କାରୁ ଦ୍ୱିଗୁଣିତ ହୋଇ ୬୦ ହଜାର କୋଟି ଟଙ୍କା ହୋଇଛି। ଭାରତ ଆମେରିକାକୁ ଫ୍ରୋଜେନ ଚିଙ୍ଗୁଡ଼ି ଏବଂ ସାମୁଦ୍ରିକ ଖାଦ୍ୟ ଯୋଗାଣ କରେ। ୨୦୧୫ରେ ଆମେରିକାକୁ ଭାରତର ସାମୁଦ୍ରିକ ଖାଦ୍ୟ ଯୋଗାଣର ବଜାର ଅଂଶ ୨୪.୪% ଥିଲା, ଯାହା ୨୦୨୪ରେ ବୃଦ୍ଧି ପାଇ ୪୦.୬% ହୋଇଛି। କିନ୍ତୁ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ପରେ, ଏହା ଏବେ ଯୋଗାଣକୁ ପ୍ରଭାବିତ କରିବ, ତେଣୁ ଦେଶକୁ ବିକଳ୍ପ ବଜାର ଖୋଜିବାକୁ କୁହାଯାଇଛି। ଭାରତ ପୂର୍ବରୁ ଆମେରିକା ସହିତ ମାଛ ବ୍ୟବସାୟ କରୁଥିଲା। ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି ହେଉଥିଲା। କିନ୍ତୁ ଏବେ ଯେତେବେଳେ ଆମେରିକା ଭାରତ ଉପରେ ଟାରିଫ୍ ଲଗାଇଛି, ବ୍ୟବସାୟୀମାନେ ସତର୍କ ହୋଇଯାଇଛନ୍ତି। ଭାରତର ସାମୁଦ୍ରିକ ଖାଦ୍ୟ ଯୋଗାଣ ପାଇଁ କିଛି ବିକଳ୍ପ ବଜାରରେ ୟୁକେ, ୟୁରୋପୀୟ ସଂଘ (ଇୟୁ), ଓମାନ, ୟୁଏଇ, ଦକ୍ଷିଣ କୋରିଆ, ରୁଷିଆ ଏବଂ ଚାଇନା ଅନ୍ତର୍ଭୁକ୍ତ। ଦକ୍ଷିଣ କୋରିଆରେ ସାମୁଦ୍ରିକ ଖାଦ୍ୟ ବହୁତ ବ୍ୟବହୃତ ହୁଏ, ଯାହା ଯୋଗୁ ଦକ୍ଷିଣ କୋରିଆକୁ ବିଶେଷ ଧ୍ୟାନ ଦିଆଯିବ। ଭାରତ ଏବେ ରୁଷିଆର ବଜାର ଆଡ଼କୁ ଚାହିଁ ରହିଛି, ଯାହା ସହିତ ଟ୍ରମ୍ପ ତେଲ ବାଣିଜ୍ୟ ଯୋଗୁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇଛନ୍ତି। ତେବେ ଆଗକୁ ଭାରତ କେଉଁ ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର।

# ଓବିସିଙ୍କ ସାମ୍ବିଧାନିକ ସ୍ଥିତି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଆମ ପାଇଁ କ୍ଷୋଭର ବିଷୟ ଯେ ଯେଉଁ ନିୟାମକ ପୁସ୍ତକ ଅନୁଯାୟୀ ଦେଶରେ ଶାସନ ବ୍ୟବସ୍ଥା ପରିଚାଳିତ ହେଉଛି, ଯାହାକୁ ଆମେ ସମ୍ବିଧାନ କହୁଛୁ, ତାହା ଆମ ଶିକ୍ଷା ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ନୁହେଁ। କେବଳ ରାଜନୀତି ବିଜ୍ଞାନର ଉଚ୍ଚ ପାଠ୍ୟକ୍ରମରେ କିଛି ଏ ବିଷୟରେ ଆଲୋଚନା ରହିଛି। ତେଣୁ ଭାରତୀୟ ନାଗରିକ ହୋଇବି ଅନେକେ ଆମ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରା ବିଷୟରେ ଅଜ୍ଞ ଅଟନ୍ତି। ଆମ ସମ୍ବିଧାନ ଏକ ପ୍ରଗତିଶୀଳ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି। ସେଇଥିପାଇଁ ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି (ଏସସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି (ଏସଟି)ଙ୍କ ବିକାଶପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ କରାଯାଇଛି। ଏହି ଦୁଇ ଧାରା ସମ୍ବନ୍ଧରେ କିଛିଲୋକ ଅବଗତ ଅଛନ୍ତି। ତଥାପି ଏହି ଧାରାର ଅନ୍ତର୍ଗତ ଅନେକ ହିତାଧିକାରୀ ଏଯାଏଁ ଏ ବିଷୟରେ ଅବଗତ ନୁହଁନ୍ତି। ଏ ବିଷୟରେ ଜାଣିବାକୁ ଆଗ୍ରହୀ ମଧ୍ୟ ନୁହଁନ୍ତି।

ସମତାଭିତ୍ତିକ ସମାଜ ଗଠନ ପାଇଁ ସମ୍ବିଧାନରେ ଅନ୍ୟ ଏକ ଧାରା ରହିଛି ତାହା ହେଉଛି ୩୪୦। ଯାହାକି ଏବେ ବହୁଳଭାବେ ଆଲୋଚନାର ପରିସରକୁ ଆସୁଛି। ଦେଶରେ ଥିବା ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ। ଏହି ଧାରା ଅନୁଯାୟୀ ରାଷ୍ଟ୍ର ଓବିସିଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ। ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିଶ ମୁତାବକ ପଦକ୍ଷେପ ନେଇପାରିବେ। ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ। ଏହା ପଛରେ ଡ୍ରାଫ୍ଟିଂ କମିଟିର ଚେୟାରମେନ ଡ .ବି.ଆର. ଆମ୍ବେଦକରଙ୍କ ଦୃଢ଼ ସମର୍ଥନ ଥିଲା। କାରଣ ସେ ଚାହିଁଥିଲେ ଓବିସିଙ୍କୁ ଏସଟି ଓ ଏସସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପାଇବା ପାଇଁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ। କିନ୍ତୁ ଦୁଃଖର କଥା ଅଳ୍ପ କେତେଜଣଙ୍କୁ ଛାଡିଦେଲେ ସେ ସମୟର ସଂଖ୍ୟାଧିକ ଓବିସି ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ। ତଥାପି ସେ ଭବିଷ୍ୟତ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରିଯାଇଛନ୍ତି। ସେ ଜାଣିଥିଲେ ଆଜି ନହେଲେବି କାଲି ଓବିସିମାନେ ଏହାର ଆବଶ୍ୟକତାକୁ ବୁଝିବେ। ଯାହାକି ଏବେ ଓବିସିମାନେ ବୁଝିବା ଆରମ୍ଭ କଲେଣି।

ସ୍ୱାଧୀନତା ପରେ ଓବିସି ଓ ପ୍ରଗତିଶୀଳ ନେତୃତ୍ୱ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ। ଧାରା ୩୪୦ ଅନୁଯାୟୀ ୧୯୫୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଓବିସିଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ। ଏହା କାଲେଲକର କମିଶନ ଭାବେ ପରିଚିତ। ଏହା ୧୯୫୫ ମସିହାରେ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେ ସମୟର ସରକାର ଏହି କମିଶନଙ୍କ ସୁପାରୀଶକୁ ଗ୍ରହଣ କରିନଥିଲେ। ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ। ଯାହା ମଣ୍ଡଳ କମିଶନ ଭାବେ ପରିଚିତ। ଏହି କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା। ପରବର୍ତ୍ତୀ ସରକାର ଏହି କମିଶନର ରିପୋର୍ଟକୁ କର୍ଯ୍ୟକାରୀ କଲେ ନାହିଁ। ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚାକିରୀରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା। ୨୦୦୬ ମସିହାରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ। ଏ ସମସ୍ତ ପଦକ୍ଷେପ ଧାରା ୩୪୦ ଅନୁଯାୟୀ ଗ୍ରହଣ କରାଯାଇଛି।

ଧାରା ୩୪୦ ଅନୁଯାୟୀ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସାମ୍ବିଧାନିକ ସ୍ୱୀକୃତି ପାଇଛନ୍ତି ସଂରକ୍ଷଣ ସୁବିଧା ପାଇବା ପାଇଁ। କିନ୍ତୁ ଏହି ବର୍ଗର ପ୍ରାୟ ଶତକଡା ୯୯ ଭାଗ ଲୋକ ଏହି ଧାରା ସମ୍ବନ୍ଧରେ ଅବଗତ ନୁହଁନ୍ତି କି ଏହି ଧାରାର ଗୁରୁତ୍ୱ ବୁଝନ୍ତି ନାହିଁ। ଏହି ଧାରା ଯେ ତାଙ୍କ ସର୍ବାଙ୍ଗୀନ ବିକାଶ ସହିତ ଜଡିତ ସେମାନେ ଏହା ଜାଣନ୍ତି ନାହିଁ। କେବଳ ସଂରକ୍ଷଣ ନୁହେଁ ଏହା ସହିତ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ପାଇଁ ମଧ୍ୟ ଏହି ଧାରା ସରକାରଙ୍କୁ ପ୍ରେରିତ କରେ। ଏହା ସହିତ ବର୍ଗୀୟ ଚେତନାକୁ ମଧ୍ୟ ଏହି ଧାରା ଉଦ୍‌ଜୀବିତ କରେ। ଦେଶରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବାଦେ ଅନ୍ୟ ଏକ ଅନଗ୍ରସର ବର୍ଗ ରହିଛି ତାହା ହେଉଛି ଓବିସି, ସେ ବିଷୟକୁ ଏହି ଧାରା ସ୍ୱୀକୃତି ଦେଇଛି। ଦେଶରେ ଯେଉଁ ଅଗ୍ରସର ବର୍ଗ ବା ଆଜି ଯାହା ସାଧାରଣ ବର୍ଗଭାବେ ପରିଚିତ ତାଙ୍କଠାରୁ ଓବିସି ପୃଥକ। ଏମାନେ ସାମାଜିକ ଦୃଷ୍ଟିରୁ ତାଙ୍କଠାରୁ ନ୍ୟୁନଭାବେ ପରିଗଣିତ ହୁଅନ୍ତି। ଏହା ସହିତ ଆର୍ଥିକ ଓ ଶିକ୍ଷାଗତ ଦୃଷ୍ଟିକୋଣରୁ ମଧ୍ୟ ତାଙ୍କଠାରୁ ବହୁ ପଛରେ। ବର୍ଣ୍ଣବ୍ୟବସ୍ଥା ଅନୁଯାୟୀ ଏମାନେ ତଥାକଥିତ ଉଚ୍ଚଜାତିଙ୍କ ଠାରୁ ତଳ ସ୍ତରର ବୋଲି ସାଧାରଣରେ ପରିଗଣିତ ହୁଅନ୍ତି।

ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ। ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ। ଏହି ବିଶାଳ ଜନସମୁଦାୟ ଧାରା ୩୪୦କୁ ନବୁଝିବା ଯୋଗୁଁ ତାଙ୍କ ମଧ୍ୟରେ ଗୋଷ୍ଠୀଗତ ଚେତନା ଆସିପାରି ନାହିଁ। ଏମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପରି ଜାତି ଚେତନା ତ ରହିଛି, କିନ୍ତୁ ଓବିସି ସମ୍ବନ୍ଧୀୟ ଗୋଷ୍ଠୀଗତ ଚେତନା ସେତେ ମାତ୍ରାରେ ଏମାନଙ୍କ ମଧ୍ୟରେ ନାହିଁ। ଫଳରେ ଏମାନେ ଧାରା ୩୪୦ ଦେଇଥିବା ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହଁନ୍ତି। ଏହି ଧାରା ମୁତାବକ ମଣ୍ଡଳ କମିଶନ ବସିଥିଲା ଓ ମଣ୍ଡଳ କମିଶନର ରିପୋର୍ଟ ମୁତାବକ ଓବିସିମାନେ ଆଜି କେନ୍ଦ୍ର ଓ ଅନେକ ରାଜ୍ୟରେ ଶିକ୍ଷା ଓ ଚାକିରୀରେ ୨୭% ସଂରକ୍ଷଣ ସୁବିଧା ପାଉଛନ୍ତି। ଏହି ଧାରା କଣ ଓ କେଉଁମାନଙ୍କ ପାଇଁ ଏହି ଧାରା ଉଦ୍ଦିଷ୍ଟ ଏବଂ ମଣ୍ଡଳ କମିଶନ ରିପୋର୍ଟ କାହାପାଇଁ ସେ ବିଷୟରେ ଓବିସି ମାନେ ଅବଗତ ନଥିବା ଯୋଗୁଁ ଏମାନେ ମଣ୍ଡଳ ବିରୋଧି ଆନ୍ଦୋଳନରେ ମାତିଥିଲେ ଓ ଗୁଳିଖାଇ ମରିଥିଲେ। ଏ ସମ୍ବନ୍ଧରେ ଏମାନେ ସଚେତନ ଥିଲେ ସେ ସମୟରେ ବିରୋଧି ଆନ୍ଦୋଳନ ଏତେ ତୀବ୍ର ହୋଇ ନଥାନ୍ତା ଓ ଏହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରିଥିବା ସରକାରର ପତନ ହୋଇ ନଥାନ୍ତା। ସେ ସମୟରେ ଅନେକ ଓବିସି ଯୁବକ ନିଜ ଗୋଡ଼ରେ ନିଜେ କୁରାଢ଼ି ମରିବାର କାମ କରିଥିଲେ।

ଏବେ କିଛି ସଚେତନ ସଂଗଠନ ଓ ବ୍ୟକ୍ତିବିଶେଷ ଓବିସି ଙ୍କୁ ଏସଟି-ଏସସି ତୁଲ୍ୟ ରାଜନୀତିର ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବୀ ଉଠାଉଛନ୍ତି। ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି ଦେଶରେ ଓବିସିଙ୍କ ସଂଖ୍ୟା ଯଦି ଶତକଡା ୫୨ ଭାଗ ତେବେ ଏମାନଙ୍କୁ ମଧ୍ୟ ଏସଟି ଓ ଏସସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ। ଓଡିଶାରେ ଏହି ଧାରାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କୁ କୌଣସି ସଂରକ୍ଷଣ ସୁବିଧା ମିଳୁନଥିଲା। ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଛି। ଏବେ ରାଜ୍ୟ ସରକାର ଓବିସିଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ଦେବେ ବୋଲି ଘୋଷଣା କରିଛନ୍ତି। ଦୁଃଖର କଥା ଯେ ଏହା ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକର ଲାଗୁ ହେବ ନାହିଁ।

ରାଜ୍ୟରେ ଓବିସିମାନେ ସର୍ବାଧିକ ଉପେକ୍ଷିତ ଓ ଦେଶରେ ବୋଧହୁଏ ପ୍ରଥମ। ଯଦି କେବେ ଓବିସିଙ୍କୁ ଆହୁରି ଅଧିକ ସୁବିଧା ମିଳେ ଓ ତାଙ୍କ ବିକାଶ ପାଇଁ କିଛି ନୂଆ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ତାହା ଧାରା ୩୪୦ ଅନୁଯାୟୀ ହେବ। ଏହି ଧାରା ଅନୁସାରେ ଭାରପ୍ରାପ୍ତ କମିଶନରଙ୍କ ରିପୋର୍ଟ ଉପରେ ଏହା ହୋଇପାରିବ। ଗଣତନ୍ତ୍ରରେ ଆନ୍ଦୋଳନ ଜରିଆରେ ଚାପ ସୃଷ୍ଟି ଅନିବାର୍ଯ୍ୟ ବିଷୟ। ଓବିସି ସମାଜ ଯେତେ ସଂଗଠିତ ହେବ ଓ ଯେତେ ସଚେତନ ହେବ ତାଙ୍କ ଅଧିକାର ପ୍ରାପ୍ତିର ସମ୍ଭାବନା ସେତେ ଅଧିକ ହେବ। ଏଦିଗରେ ପ୍ରୟାସ ମଧ୍ୟ ଜରୁରୀ। ସାମ୍ବିଧାନିକ ନୀତି ନିୟମ ପରିସରେ କୌଣସି ଆନ୍ଦୋଳନ ଅଯୌକ୍ତିକ ନୁହେଁ। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଜଭୁତ କରେ। ଭାଗୀଦାରୀର ସମ୍ଭାବନାକୁ ବଢାଏ।

ସାମ୍ପ୍ରତିକ ଅବସ୍ଥାରେ ଧାରା ୩୪୦ର ଗୁରୁତ୍ୱ ବଢି ବଢି ଚାଲିଛି। ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ ଏହି ଧାରାର ପ୍ରାସଙ୍ଗିକତା ସେତେ ଅଧିକ ହେବ। ଦେଶର ଅର୍ଦ୍ଧାଧିକ ଲୋକଙ୍କ ସ୍ୱାର୍ଥ ଓ ବିକାଶ ପାଇଁ ଯେଉଁ ଧାରା ରହିଛି ତାକୁ ଏତେ ସାଧାରଣ ଭାବେ ନିଆଯାଇ ପାରିବ ନାହିଁ। ଆଗାମୀ ଦିନରେ ଏହି ଧାରାର ପ୍ରୟୋଗ ସମ୍ଭାବନା ଆହୁରି ବ୍ୟାପକ ହେବା ନିଶ୍ଚିତ। ଓଡ଼ିଶାରେ କେନ୍ଦ୍ର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ତାଲିକା ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ଏସଇବିସିମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ଆନ୍ଦୋଳନରେ ବିଜେଡି ଓ କଂଗ୍ରେସ ଆଗୁଆ ଅଛନ୍ତି। ବିଜେପି ମଧ୍ୟ ଓବିସିଙ୍କ ସ୍ୱାର୍ଥ କଥା କହୁଛି ଓ ୨୭% ସଂରକ୍ଷଣ ପ୍ରଦାନ ପାଇଁ ପଦକ୍ଷେପ ନେବ ବୋଲି କହୁଛି। କୌଣସି ଦଳ ଓବିସିଙ୍କୁ ଛାଡିବାକୁ ନାରାଜ। ଏବିଷୟ ଏବେ ଓଡ଼ିଶା ରାଜନୀତିକୁ ଆଚ୍ଛାଦିତ କରିଦେଇଛି। ତେଣୁ ଅନାଲୋଚିତ ସମ୍ବିଧାନର ୩୪୦ ଧାରା ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

# କଳା ଓ କଳାକାର



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

କେଉଁ ପ୍ରସ୍ତର ଯୁଗରୁ କଳାକାର ଓ ତାର କଳା କୁ ସିକୃତି ମିଳିଛି। ପଥର ଗୁମ୍ଫା ଭିତରେ ଖୋଦେଇ ହୋଇଥିବା ଚିତ୍ର ସବୁ ସେ ସମୟର ଜୀବନ ଯାପନ ଓ ଘଟଣାକୁ ସତେ ଯେମିତି ନିରବରେ ବଖାଣୁଛନ୍ତି। ମନେ ହୁଏ ପଥର ଉପରେ ଲେଖା ହୋଇଛି ଆମର ଇତିହାସ। ମାନବ ସଭ୍ୟତାର ବିକାଶ। ସଙ୍ଗୀତ, ସାହିତ୍ୟ, ଶିଳ୍ପକଳା ଚିତ୍ର ଅଙ୍କନ ସବୁ ଗୁଡିକ ମଣିଷର ସୃଜନଶିଳ ପ୍ରତିଭାର ପ୍ରକାଶ। ମନେ ହୁଏ ଏ ସମସ୍ତ କଳା ଦେବ ପ୍ରଦତ୍ତ। ଏହି କଳାର ଧନୀଥିବା ଅନେକ କଳାକାର ବିଶ୍ୱ ସ୍ତରରେ ସମ୍ମାନୀତ ହୋଇଛନ୍ତି। ଓଡ଼ିଶାର ବାଲୁକାଶିଳ୍ପି ସୁଦର୍ଶନ ପଟ୍ଟନାୟକଙ୍କୁ କିଏ ନ ଜାଣିଛି। ନୃତ୍ୟ ଶିଳ୍ପୀ ସଂଯୁକ୍ତା ପାଣିଗ୍ରାହି, କେଳୁଚରଣ ମହାପାତ୍ର,କଣ୍ଠ ଶିଳ୍ପୀ ଅକ୍ଷୟ ମହାନ୍ତି, ହ୍ୟୁମାନ ସାଗର, ଇରା ମହାନ୍ତି, ଭାରତ ରତ୍ନ ପୁରସ୍କାର ବିଜେତା ଲତା ମଙ୍ଗେସ୍କର ମହାନ ଅଭିନେତା ଅମିତାଭ ବଚନ, ଶ୍ରୀଦେବୀ ଇତ୍ୟାଦି ସମସ୍ତ କଳାକାରଙ୍କୁ ସେଲିବ୍ରେଟି କୁହାଯାଏ। ସେମାନଙ୍କୁ କୌଣସି ପ୍ରକାର ଆର୍ଥିକ ସଙ୍କଟ ଦେଇ ଗତି କରିବାକୁ ପଡୁନଥିବ କିନ୍ତୁ ଅନେକ କଳାକାର ନିଜର ପ୍ରତିଭା ଦେଖାଇ ଦେଶ ବିଦେଶରେ ସମ୍ମାନ ପାଇବା ପାଇଁ ଅକ୍ଷମ ହୋଇଥାନ୍ତି। ବଣ ମଲ୍ଲି ପରି ବଣରେ ଫୁଟି ମଉଳି ଯାଆନ୍ତି। ଗାଁ ବା ସହର ଭିତରେ ସେମାନଙ୍କ ପ୍ରତିଭା ପ୍ରକାଶ ପାଏ ଏବଂ ଅର୍ଥ ଅଭାବରେ ଧିରେ ଧିରେ ମଉଳି ଯାଏ। କଳା ଓ କଳାକାର ପ୍ରତ୍ୟେକ ସମାଜ ପାଇଁ ନମସ୍ୟ। ସଧାରଣ ମଣିଷଟିଏ ନିଜର କର୍ମମୟ ଜୀବନରୁ ମୁକ୍ତି ପାଇବା ପାଇଁ ସଙ୍ଗୀତ ଶୁଣିଥାଏ, ଚିତ୍ର କଳା ଦେଖିଥାଏ, ଯାତ୍ରା ବା ସିନେମା ଦେଖିବା ପାଇଁ ଯାଇ ଥାଏ। କଳାକାରଙ୍କ କଳା ଆମର ଦୈନନ୍ଦିନ ଜୀବନରେ ଅନୁଭୂତି କରିଥିବା ଦୁଃଖ ଓ ଶୋକରୁ ମୁକ୍ତି ଦେଇଥାଏ। ଆମ ଜୀବନରେ ଏହି ଆନନ୍ଦ ଭରି ଥିବା କଳାକାର ଯେ କିପରି ଜୀବନ କଟାଇଥାଏ ଆମେ ତାହା କେବେ ଜାଣିବା ପାଇଁ ଚାହିଁ ନଥାଉ। ଆମକୁ କିଛି ସମୟ ପାଇଁ ଆନନ୍ଦ ଦେଇ ପାରିଥିବା କଳାକାର କଣ ନିଜେ ଆନନ୍ଦରେ ଜୀବନ କଟାଇ ପାରିଥାଏ ? ତାହା ନିଶ୍ଚୟ ବିଚାର କରିବା କଥା। ନିଜ ସାଧନାରେ ମଗ୍ନ ହେବାପାଇଁ ପାରିବାରିକ ସମସ୍ୟାରୁ ମୁକ୍ତ ହେବାକୁ ପଡ଼ିବ। ଆମ ଦେଶରେ ଅନେକ କଳାକାର ନିଜ ଘରର ଦାରିଦ୍ର୍ୟକୁ ନିଜ ଭିତରେ ଥିବା କଳାକୁ ପ୍ରଦର୍ଶନ କରି ମଧ୍ୟ ଦୂରେଇ ପାରନ୍ତି ନାହିଁ। ଆର୍ଥିକ ସଙ୍କଟ ଅନେକ କଳାକାରଙ୍କୁ କଳା ଠାରୁ ଦୂରେଇ ଦେଇଥାଏ। ସେମାନେ ଚାହିଁଲେ ବି କଳାର ସାଧନା କରି ପାରନ୍ତି ନାହିଁ। କଳାକାରଙ୍କ ଦୂରବସ୍ଥାକୁ ଅଧ୍ୟୟନ କଲାବେଳେ ମନେପଡେ ରାଧା ମୋହନ ଗଡ଼ନାୟକଙ୍କ କବିତା 'ଜାଗ ବର୍ମା ଜାଗ କଳାକାର'। କବି ଗଡ଼ନାୟକ ନିଜର କଳାକାର ବଂଧୁଙ୍କ ଉଦ୍ଦେଶ୍ୟରେ ଏହି କବିତାଟି ରଚନା କରିଥିଲେ। କବିଙ୍କ ବଂଧୁ ଜଣେ ଦରିଦ୍ର ଘରର ପୁଅ । ଘରର ଆର୍ଥିକ ଦୂରାବସ୍ଥା କୁ ଦୂର କରିବା ପାଇଁ ପ୍ରଶାସନର ସାହାଯ୍ୟ ଚାହିଁଛିନ୍ତି କିନ୍ତୁ ପ୍ରଶାସନ ତାଙ୍କର ଶ୍ରେଷ୍ଠ କଳାକୃତି ପାଇଁ ଯେତେବେଳ କଳାକାରଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛି ସେତେବେଳେ କବିଙ୍କର କଳାକାର ବନ୍ଧୁ ଏହି ଦୁନିଆରୁ ବିଦାୟ ନେଇ ଯାଇଛନ୍ତି। ସରକାରଙ୍କ ଠାରୁ ସାହାଯ୍ୟ ପାଇଁ ହାତ ବଢ଼ାଇଥିବା କଳାକାର ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। କଳାକାରଙ୍କ ପାଇଁ ସରକାରଙ୍କ ତରଫରୁ ଯଦି ସାହାଯ୍ୟର ହାତ ଆଗକୁ ବଢିବ ତାହେଲେ ଅନେକ କଳାକାର ନିଜ ସାଧନା ପଥରେ ଆହୁରି ଆଗେଇ ପାରିବେ। ଆମ ଦେଶର ସରକାର ଅନେକ ପ୍ରକାର ସ୍କିମ୍ ଦ୍ୱାରା କୃଷକ, ବୟସ୍କ ଲୋକଙ୍କୁ ମହିଳାଙ୍କୁ, ବିଦ୍ୟାର୍ଥୀଙ୍କ ସାହାଯ୍ୟ କରୁଛନ୍ତି। ତାହେଲେ କଳାକାର କାହିଁକି ସରକାରଙ୍କ ଦୃଷ୍ଟିରେ ପଡୁ ନାହାନ୍ତି। କଳାକାରଙ୍କ ପାଖରେ ଥିବା ସୃଜନଶୀଳ ପ୍ରତିଭା ନିଶ୍ଚିତ ଭାବରେ ଦେବ ପ୍ରଦତ୍ତ ତେଣୁ ଯୁଗେ ଯୁଗେ ତାର ଆଦର ରହିବା କଥା। ଓଡ଼ିଶାରେ ଅନେକ ଲୋକ ନୃତ୍ୟ ଓ ସଙ୍ଗୀତ ଦେଖିବାକୁ ଓ ଶୁଣିବାକୁ ମିଳିଥାଏ। ଦାସକାଠିଆ ଓ ପାଲା ଓଡ଼ିଶାର ନିଜସ୍ୱ ପ୍ରତିଭା। ଏଇ ସମସ୍ତ କଳାକୁ ବଞ୍ଚାଇବାକୁ ପଡ଼ିବ। ଏବଂ କଳାକୁ ବଞ୍ଚାଇବାକୁ ହେଲେ ସମସ୍ତ କଳାକାରଙ୍କ ପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ପ୍ରତ୍ୟେକ ମାସରେ ଯୋଗାଇ ଦିଅନ୍ତୁ ଏବଂ ସମାଜରେ କଳାର ପ୍ରଚାର ଓ ପ୍ରସାରର ବ୍ୟବସ୍ଥା କରନ୍ତୁ। ତାହେଲେ ଜଣେ କଳାକାର ନିଶ୍ଚିନ୍ତ ହୋଇ କଳାର ସର୍ଜନାରେ ବୁଡିରହି କାର୍ଯ୍ୟ କରିବ।

# ଯୋଗୀ ଶ୍ରୀ ଅରବିନ୍ଦ



ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ
ବିଦ୍ୟାପୀଠ, କୋରାପୁଟ,
ମୋବାଇଲ
୭୮୯୪୦୦୫୪୫୫

ଆଧ୍ୟାତ୍ମିକ ଜଗତରେ ଚହଳ ସୃଷ୍ଟି କରି ପାରିଥିବା ତଥା ଜଣେ ଅସାଧାରଣ ଯୋଗଜନ୍ମା, ସ୍ୱାଧୀନତା ସଂଗ୍ରାମୀ, ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ଖ୍ୟାତନାମା ଶିକ୍ଷାବିତ୍ ଥିଲେ, ସାଧକ ଶ୍ରୀ ଅରବିନ୍ଦ ଘୋଷ। ସେ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖ ଦିନ କଲିକତାର ହୁଗୁଳି ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଶ୍ରୀ କୃଷ୍ଣଧନ ଘୋଷ ତଥା ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣ ଲତା ଦେବୀ। ତାଙ୍କର ସମସ୍ତ ଭାବନା, ଅତୁଳନୀୟ ଅବଦାନ ତଥା ଦର୍ଶନ ନିମନ୍ତେ ଏକଦା ଜ୍ଞାନୀ ରୋମାନ୍ ରୋଲାଣ୍ଡ ମତ ଦେଇଥିଲେ, ଶ୍ରୀ ଅରବିନ୍ଦ ହେଉଛନ୍ତି ଭାରତୀୟ ଦାର୍ଶନିକ ମଧ୍ୟରେ ରାଜା। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ସେ ସାହିତ୍ୟ, ଇତିହାସ, ଗ୍ରୀକ୍, ଏବଂ ଲାଟିନ ଭାଷାରେ ନିଜର ପାରଦର୍ଶିତା ଓ ଜ୍ଞାନର ପରାକାଷ୍ଠା ଦେଖାଇ ବହୁବାର ପୁରସ୍କୃତ ହୋଇଥିଲେ। ସେ ସମୟରେ ସେ ଭାରତର ଶ୍ରେଷ୍ଠ ସମ୍ମାନ ଜନକ ପଦବୀ ଆଇ ସି ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଅଶ୍ୱାରୋହଣ ପ୍ରତିଯୋଗିତା ରେ ଅଂଶ ଗ୍ରହଣ ନ କରି ଏହି ପଦବୀକୁ ପରିତ୍ୟାଗ କରିଥିଲେ। ଯେତେବେଳେ ସେ କେମ୍ବ୍ରିଜ୍ ରେ ପାଠ ପଢୁଥିଲେ, ପରାଧୀନ ଜନ୍ମଭୂମିର ମମତା ତାଙ୍କୁ ଅଧିକ ଦିନ ସେଠାରେ ରହିବାକୁ ଦେଇ ନ ଥିଲା। ସେ ପରେ ପରେ ଭାରତକୁ ଚାଲି ଆସିଥିଲେ। ଭାରତରେ ପାଦ ଦେଉ ଦେଉ ପରାଧୀନ ଭାରତୀୟ ମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦେଖି ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରି ୧୯୦୫ ରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ଯୋଗ ଦେଇ ଦୃଢ଼ ଭାବରେ ଦମନ କରିବା ପାଇଁ ଅହରହ ଚେଷ୍ଟା କରିଥିଲେ। ବରୋଦା କଲେଜରେ ଅଧ୍ୟକ୍ଷ ଥିବା ସମୟରେ ବନ୍ଦେ ମାତରଂ ପତ୍ରିକାର ସମ୍ପାଦନା କରିବା ସହ ରାଜନୀତି ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଠିକ୍ ସେତିକି ବେଳେ ଆଲିପୁର୍ ବୋମା ବିସ୍ଫୋରଣ ଘଟଣାରେ ଅଟକ ହୋଇ ଜେଲରେ ପ୍ରାୟ ଏକ ବର୍ଷ କଟାଇଥିଲେ। ଜେଲରେ ଥିବା ଅବସ୍ଥାରେ ଅନେକ ସମୟ ଧରି ଧ୍ୟାନ ମଗ୍ନ ରହୁଥିଲେ। ଏପରି ଧ୍ୟାନ କରୁ କରୁ ସେ ଭଗବାନ ଶ୍ରୀ କୃଷ୍ଣଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ସେ ମୁଖ୍ୟତଃ ଯୋଗ ଓ ଧ୍ୟାନକୁ ଜୀବନରେ ଆଧାର କରି ପଣ୍ଡିଚେରୀରେ ଆଶ୍ରମ ଓ ଅରୋଭିଲ ଗଠନ କରିଥିଲେ। ଏହି ଆଶ୍ରମରେ ଯେଉଁ ତପସ୍ୟା କରା ଯାଉଥିଲା, ତାହା ଥିଲା ରୂପାନ୍ତରିତ କ୍ରିୟା ଯାହା ମନୁଷ୍ୟର ଚେତନାକୁ ଅତି ମାନସରେ ପରିଣତ କରି ପାରେ। ଯୋଗୀ ଶ୍ରୀ ଅରବିନ୍ଦଙ୍କ ମତରେ ପ୍ରତ୍ୟେକ ସାଧକ ପାଇଁ ଶ୍ରଦ୍ଧା, ଅଭିପ୍ସା ଓ ସମର୍ପଣ ଭାବ ରହିବା ଅତି ଆବଶ୍ୟକ। ସେ ଶଙ୍କରଙ୍କ ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ପରି ପ୍ରତିଷ୍ଠିତ ମତକୁ ନିଜର ଅକାଟ୍ୟ ଯୁକ୍ତି ବଳରେ ଖଣ୍ଡନ କରି କହିଥିଲେ, ବ୍ରହ୍ମ ଯେପରି ସତ୍ୟ ଜଗତ ମଧ୍ୟ ସତ୍ୟ ଅଟେ। ଏହି ଦୃଷ୍ଟିରୁ ଆମେ ଭାଗବତ ସତ୍ତା ଦର୍ଶନ ନିମନ୍ତେ ଦୂର ଦେବାଳୟ ଯାତ୍ରା କରିବା ଏବଂ ସୁ ଉଚ୍ଚ ହିମାଳୟ ଯାଇ ତପସ୍ୟାରେ ନିମଗ୍ନ ହେବାର କୌଣସି ଆବଶ୍ୟକତା ନାହିଁ। ଏହି ମରଣଶୀଳ ଦୁନିଆରେ ଅମୃତର ସନ୍ଧାନ ସହିତ ସାଧାରଣ ମାନବକୁ ଅତି ମାନବ ତଥା ଆଧ୍ୟାତ୍ମିକ ମାନବ ରୂପେ ରୂପାନ୍ତରିତ କରିବାର ସ୍ୱପ୍ନ ଦେଖିଥିଲେ ଯାହାକି ତାଙ୍କ ଦର୍ଶନ ତଥା ଚିନ୍ତାଧାରାର ପ୍ରାଣ କେନ୍ଦ୍ର ଭାବେ ଅଭିହିତ କରା ଯାଇଛି। ପ୍ରକୃତରେ ଯୋଗ ମାଧ୍ୟମରେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ହିଁ ହେଉଛି ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନର କେନ୍ଦ୍ର ବିନ୍ଦୁ ସଦୃଶ। ତାଙ୍କର ଧାରଣା ଥିଲା, ଆମ ଦେଶରେ ଯଦି ଲୋକମାନେ ଶିକ୍ଷିତ ହେବେ ତାହେଲେ ସେମାନେ ଆଧ୍ୟାତ୍ମିକତା ଓ ବିଜ୍ଞାନର ସଚେତନତାକୁ ନିଜ ଜୀବନରେ ବ୍ୟବହାର କରି ପାରିବେ। ସେ ଚାହୁଁଥିଲେ, ଶିକ୍ଷାନୁଷ୍ଠାନରେ ଶିକ୍ଷା ମାତୃଭାଷାରେ ହେବା ସହ ନିଜ ଚେତନାର ଅଭିବୃଦ୍ଧି ଯାହା ଫଳରେ ମନୁଷ୍ୟ ଜୀବନ ଆନନ୍ଦମୟ ଓ ମଙ୍ଗଳମୟ ହୋଇ ପାରିବ। ତାଙ୍କ ମତରେ ଅତି ମାନସ ଚେତନା ଜାଗ୍ରତ ହେଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୋଇ ପାରିବ। ଶ୍ରୀ ଅରବିନ୍ଦଙ୍କ ସାଧନାର ପ୍ରମୁଖ ଦିଗ ଥିଲା, ନିରବତା ମଧ୍ୟରେ ରହି ଦିବ୍ୟ ଶକ୍ତି ଅତି ମାନସକୁ ନିଜ ମଧ୍ୟରେ ରୂପାନ୍ତର କରିବା। ବୁଦ୍ଧ ଦେବଙ୍କ ପରି ସେ ତାଙ୍କ ଜୀବନରେ ଅନେକ ସମସ୍ୟାକୁ ନିରବତା ମଧ୍ୟରେ ସମାଧାନ କରି ପାରୁଥିଲେ। ସେ ନିଜ ଜୀବନରେ ସ୍ୱାମୀ ବିବେକାନନ୍ଦ ଓ ମହାନ୍ କାଳୀ ସାଧକ ଶ୍ରୀରାମକୃଷ୍ଣ ପରମହଂସଙ୍କ ଭାବ ଧାରାରେ ଖୁବ୍ ପ୍ରଭାବିତ ହୋଇଥିଲେ। ରାଜନୀତି କ୍ଷେତ୍ରରେ ନେତାଜୀ ସୁଭାଷ ବୋଷଙ୍କ ସାହସ, ବୀରତ୍ୱ ଓ ପରାକ୍ରମକୁ ପ୍ରଶଂସା କରିଥିଲେ। ଶ୍ରୀ ଅରବିନ୍ଦ ଯେଉଁ ସ୍ୱାଧୀନତା ପାଇଁ ସଂଗ୍ରାମ କରି ଥିଲେ, ତାହା ହେଲା ପୂର୍ଣ୍ଣ ସ୍ୱରାଜ। ଜୀବନର ପ୍ରତିଟି ମୁହୂର୍ତ୍ତ କୌଣସି ନା କୌଣସି ସାଧନା, ଧ୍ୟାନ, ଗ୍ରନ୍ଥ ରଚନା, ଯୋଗ ସାଧନା, କର୍ମ ସାଧନାରେ ବିତାଇ ଥିଲେ ଯାହାକି ସମଗ୍ର ବିଶ୍ୱରେ ସିଦ୍ଧି ଓ ସାଧନାର ଏକ ଶ୍ରେଷ୍ଠ ଉଦାହରଣ ସେ ସୃଷ୍ଟି କରି ଯାଇଛନ୍ତି। ୧୯୫୦ ମସିହା ଡିସେମ୍ବର ୫ ତାରିଖ ଦିନ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି କରି ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେହି ତ୍ୟାଗୀ ସନ୍ଥଙ୍କୁ ଆମର ଶତ କୋଟି ପ୍ରଣାମ।

# ଆଶା ଓ ନିର୍ଭୟର ସନ୍ଦେଶ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

୭୯ତମ ସ୍ୱାଧୀନତା ଦିବସ ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ କ୍ରମାଗତ ଦ୍ୱାଦଶ ଥର ପାଇଁ ଲାଲାକିଲ୍ଲାରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ୧୦୩ ମିନିଟ ଧରି ଦେଇଥିବା ଦୀର୍ଘ ଅଭିଭାଷଣ କେବଳ ଆଶା ସଂଚାର କରିନାହିଁ, ବିଭିନ୍ନ କ୍ଷେତ୍ରରେ 'ନିର୍ଭୟ'ର ସନ୍ଦେଶ ପ୍ରଦାନ କରିଛି। ଭାରତୀୟ ସାମଗ୍ରୀ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ୫୦ପ୍ରତିଶତ ଶୁଳ୍କଲାଗୁ ନେଇ କାହାରି ନାମ ନନେଇ ପ୍ରଧାନମନ୍ତ୍ରୀ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ ଫର ଲୋକାଲ ମନ୍ତ୍ର ଦେବା ସହ ଆତ୍ମନିର୍ଭରଶୀଳତା'ର ସନ୍ଦେଶ ପ୍ରଦାନ କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଟାରିଫ ଯୋଗୁଁ ଆନ୍ତର୍ଜାତିକ ଯୋଗାଣ ଧାରା ବ୍ୟାହତ ହୋଇଥିବା ସମୟରେ ଦେଶର ଘରୋଇ ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଦେଶ ପ୍ରଦର୍ଶିତ କରିଥିବା ସାମର୍ଥ୍ୟ, ଦକ୍ଷତା ପ୍ରମାଣ ସମ୍ପର୍କରେ ସ୍ମରଣ କରାଇ ଦେଇଛନ୍ତି। ମହାମାରୀ କରୋନା ମୁକାବିଲା ପାଇଁ ଭାରତ ଟୀକା ପ୍ରସ୍ତୁତ କରି ସାରା ବିଶ୍ୱବାସୀଙ୍କୁ ନିଜର ସାମର୍ଥ୍ୟ ଦେଖାଇଥିଲା। କରୋନା ଟୀକା କେବଳ ନିଜ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ପ୍ରସ୍ତୁତ କରିଥିଲା। କହିବା ବାହୁଲ୍ୟ ଯେ, ମହାମାରୀର ମୁକାବିଲା ପାଇଁ ଭାରତ ବିଶ୍ୱର ୫୬ଟି ରାଷ୍ଟ୍ରକୁ ଟୀକା ଯୋଗାଣ କରିଥିଲା। ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଂକଟର ମୁକାବିଲା ପାଇଁ ଆତ୍ମନିର୍ଭର ଭାରତରୁ ବିକଶିତ ଭାରତ ପାଇଁ ଆହ୍ୱାନ ଦେଇ ଆମେ ଅନ୍ୟ କାହାରି ଉପରେ କାହିଁକି ନିର୍ଭରଶୀଳ ହେବା ? ପ୍ରତ୍ୟେକ କ୍ଷେତ୍ରରେ ଆତ୍ମ ସମ୍ମାନ ପାଇଁ ଯୁବ, ବୈଜ୍ଞାନିକ, ଏଣ୍ଟରପ୍ରିନର, ବୈଜ୍ଞାନିକ ଏବଂ ଘରୋଇ ଉଦ୍ୟୋଗ କ୍ଷେତ୍ରକୁ ଆହ୍ୱାନ ଦେଇ ଭାରତ ନିଜସ୍ୱ ଫର୍ଟିଲାଇଜର ସେମିକଣ୍ଡକ୍ଟର, କ୍ଲିନ ଏନର୍ଜି ଆଦି ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ପିଢିପାଇଁ ବ୍ୟାପକ ସଂସ୍କାର ମାଧ୍ୟମରେ ଭବିଷ୍ୟତ ପିଢିକୁ ସକ୍ଷମ କରିବା ପାଇଁ ସରକାର ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବେ ବୋଲି କହିଛନ୍ତି। ଏଥିଲାଗି ଖୁବଶୀଘ୍ର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବା ନେଇ ସେ ଘୋଷଣା କରିଛନ୍ତି। କ୍ଲିନ୍ ଏବଂ ରେନେବୁଲ ଏନର୍ଜି, ସେମିକଣ୍ଡକ୍ଟର, କ୍ରିଟିକାଲ ମିନେରାଲ, ଟୀକା, ମେଡିସିନ ଏବଂ ଡ୍ରଗସ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତ ଉତ୍ପାଦନରେ ହବ ହେବ। ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଉତ୍ପାଦନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଅପରେସନ ସିନ୍ଦୂରର ସାହସୀ ଯୋଦ୍ଧାମାନେ ଶତ୍ରୁମାନଙ୍କୁ ସେମାନେ କଳ୍ପନା କରିନଥିବା ଦଣ୍ଡ ଦେଇଥିବାବେଳେ ଏଣିକି ଆତଙ୍କବାଦୀ ପ୍ରୋତ୍ସାହନ, ଆଶ୍ରୟ ଓ ଶକ୍ତିଶାଳୀ ଯେଉଁମାନେ କହୁଛନ୍ତି ସେମାନଙ୍କୁ ଆଉ ପୃଥକ ଦେଖାଯିବ ନାହିଁ। ସେହିପରି କାହାର ପରମାଣୁ ଧମକକୁ ଭାରତ ସହ୍ୟ କରିବ ନାହିଁ। ଯଦି ଶତ୍ରୁ ଏପରି ପ୍ରୟାସ କରେ ଭାରତର ସେନା ନିଜ ସର୍ତ୍ତରେ ନିଜ ପସନ୍ଦ ସମୟରେ ପଦକ୍ଷେପ ନେବ। ଅର୍ଥାତ ଏନେଇ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ବୋଲି କହିଛନ୍ତି। ସୀମାପାର ଆତଙ୍କବାଦ ପ୍ରତି ଭାରତ ଶୂନ୍ୟସହନଶୀଳତା ପ୍ରଦର୍ଶନ କରିବା ନେଇ ସେ ଚେତାବନୀ ଦେଇଛନ୍ତି। ଏହା ବ୍ୟତୀତ ଆଗାମୀ ୧୦ବର୍ଷ ମଧ୍ୟରେ ଅର୍ଥାତ ୨୦୩୫ ମସିହା ସୁଦ୍ଧା ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ମଜଭୂତ ଓ ଆଧୁନିକୀକରଣ କରିବା ଲାଗି 'ସୁଦର୍ଶନ ଚକ୍ର ମିଶନ' ଆରମ୍ଭ କରାଯିବ। ଏହା ଏକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ସିଷ୍ଟମ ହେବ। ଏହା କେବଳ ଶତ୍ରୁର ଆକ୍ରମଣକୁ ପ୍ରତିହିତ କରିବ ନାହିଁ, ଶତ୍ରୁ ଉପରେ ବହୁବାର ଆକ୍ରମଣ କରିବ। ଏହାର ସମ୍ପୂର୍ଣ୍ଣ ଆଧୁନିକ ବ୍ୟବସ୍ଥା ହେବ, ଏହାର ଗବେଷଣା ବିକାଶ ଓ ଉତ୍ପାଦନ ଆମ ଦେଶ ଭିତରେ ହିଁ ହେବ। ସେହିପରି ଜନସାଧାରଣଙ୍କ ଉପରୁ କର ବୋଝ ଲାଘବ ପାଇଁ ଆସନ୍ତା ଦୀପାବଳୀ ଅବସରରେ ଦ୍ରବ୍ୟ ଓ ସେବା କର (ଜିଏସଟି)ରେ ସଂସ୍କାର ଅଣାଯିବ। ଏବେ ଜିଏସଟିର ୪ଟି ସ୍ଲାବ ଅର୍ଥାତ ୫,୧୨,୧୮ ଓ ୨୮ ପ୍ରତିଶତ ରହିଛି। ତେବେ ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜିଏସଟି ସଂସ୍କାର ସମ୍ପର୍କରେ କୌଣସି ବିଶଦ୍ ସୂଚନା ଦେଇନଥିବାବେଳେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଯାହା କୁହାଯାଇଛି। ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଜିଏସଟିର ୪ଟି ସ୍ଲାବ ମଧ୍ୟରୁ କେବଳ ଦୁଇଟି ସ୍ଲାବ ଅର୍ଥାତ ୧୨ ଓ ୫ ପ୍ରତିଶତ ରହିବ। ଏହା କେବଳ କର ବୋଝ ହ୍ରାସ କିମ୍ବା ଦରଦାମ ହ୍ରାସ କରିବ ନାହିଁ, ଦେଶରେ ଆର୍ଥିକ କାରବାରକୁ ଉତ୍ସାହିତ କରିବ। ଲୋକଙ୍କ ବ୍ୟୟ କରିବାର ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ଏହା ଦ୍ୱାରା ଦେଶରେ ଉତ୍ପାଦନ ବୃଦ୍ଧି ପାଇବ। ଯାହା ପରୋକ୍ଷ ଓ ପ୍ରତ୍ୟକ୍ଷରେ ଲୋକଙ୍କୁ ରୋଜଗାର ଯୋଗାଇବାରେ ସମର୍ଥ ହେବ। ଉଲ୍ଲେଖଯୋଗ୍ୟ ଯେ, ଗଲା ୧୨ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି, ସବୁଠାରୁ ଦୀର୍ଘତମ ଅଭିଭାଷଣ। ଯାହାକି ଦେଶବାସୀଙ୍କ ପାଇଁ ଉଭୟ ଆଶା ଓ ନିର୍ଭୟର ସନ୍ଦେଶ ପ୍ରଦାନ କରିଛି ବୋଲି କୁହାଯାଇପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ–୪୭



ନିତ୍ୟାନନ୍ଦ ପଣ୍ଡା

## କୃଷ୍ଣଙ୍କ ପ୍ରତିଜ୍ଞା–୧



ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଶିଶୁପାଳର ମୁଣ୍ଡ କାଟି ପକେଇଥିଲେ ଶ୍ରୀକୃଷ୍ଣ। ଶିଶୁପାଳର ବନ୍ଧୁ ସାଲ୍ୱ ପାଖରେ ଏହି ସମ୍ବାଦ ଟିକେ ବିଳମ୍ବରେ ପହଞ୍ଚିଲା। ଶୁଣିଲାପରେ ସାଲ୍ୱ ରାଗରେ ପାଚିଗଲା। ପରିସ୍ଥିତି ଇମିତି ହେଲା ଯେ ସେ ତା'ର ବିଶାଳ ସେନାବାହିନୀ ନେଇ ଦ୍ୱାରକା ଆକ୍ରମଣ କଲା। ସେ ସମୟକୁ ଶ୍ରୀକୃଷ୍ଣ ଦ୍ୱାରକାରେ ନଥିଲେ। ଦ୍ୱାରକାର ଶାସକ ଥିଲେ ବୃଦ୍ଧ ଉଗ୍ରସେନ।

ଦ୍ୱାରକା ଏକ ଦ୍ୱୀପ ରାଜ୍ୟ ତାର ଚାରିପଟେ ସମୁଦ୍ର। ପ୍ରାକୃତିକ ସୀମା ସମୁଦ୍ର ପାରିହୋଇ ଦ୍ୱାରକା ଉପରେ ବିଜୟ ଲାଭ କଷ୍ଟକର ମନେକରି ଜରାସନ୍ଧ ଦ୍ୱାରକା ଆକ୍ରମଣ କରିନଥିଲା। ବର୍ତ୍ତମାନ ସାଲ୍ୱ ଆକ୍ରମଣ କରିଛି। ବୃଦ୍ଧ ଉଗ୍ରସେନଙ୍କ ନେତୃତ୍ୱରେ ଦ୍ୱାରକାର ସେନା ସାଲ୍ୱ ଉପରେ ପ୍ରତିଆକ୍ରମଣ ଜାରିରଖିଲେ। ଯୁଦ୍ଧ ସମୟରେ ଖବରପାଇଲେ କୃଷ୍ଣ ଓ ଦ୍ୱାରକା ଫେରିଲେ। ଅବଶ୍ୟ ଯୁଦ୍ଧ ବହୁଦିନ ଚାଲିଲା। ତେବେ ଶେଷରେ ସାଲ୍ୱ ପରାସ୍ତ ହେଲା।

ସାଲ୍ୱ ସହ କୃଷ୍ଣ ଯୁଦ୍ଧ କରୁଥିବା ସମୟରେ ଖବର ପାଇଲେ, ହସ୍ତିନାପୁରରେ ପଶାଖେଳ ସଂପର୍କରେ। ଏବଂ ଖେଳର ପରିଣତି ସ୍ୱରୂପ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ବାରବର୍ଷ ବନବାସ ଦଣ୍ଡ ଭୋଗୁଛନ୍ତି।

ସାଲ୍ୱ ପରାସ୍ତ ହେବାପରେ କୃଷ୍ଣ ଅରଣ୍ୟରେ ଯୁଧିଷ୍ଠିରଙ୍କୁ ଭେଟିବାକୁ ବାହାରିଲେ। ତାଙ୍କ ସହ ଭୋଜ ବଂଶ ଓ ବୃଷ୍ଣିବଂଶ ମୁଖ୍ୟ ମାନେ ଯାଇଥିଲେ। ଏବଂ ଯାଇଥିଲେ ଚେଦି ଓ କେକୟ ରାଜ୍ୟର ଯୋଦ୍ଧାଗଣ।

ସେମାନେ ଯେତେବେଳେ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚିଲେ ଦୁର୍ଯ୍ୟୋଧନର ଚାଲବାଜି ବିଷୟରେ ସବିସ୍ତାର ଜାଣିଲେ। ସେମାନେ ନିଶ୍ଚିତ ହୋଇଗଲେ କି ଏକ ଭୟାନକ ଯୁଦ୍ଧ ଭବିଷ୍ୟତରେ ପୃଥିବୀ ଦେଖିବ।

କୃଷ୍ଣଙ୍କୁ ଦେଖି ଦ୍ରୌପଦୀଙ୍କ ପିଣ୍ଡରେ ପ୍ରାଣ ପଶିଲା। ମୂଳରୁ ଯାହା ଘଟିଥିଲା ସେ ବର୍ଣ୍ଣନା କଲେ।

କହିଲେ, "ସେ ଦିନ ଗୋଟିଏ ମାତ୍ର ବସ୍ତ୍ର ମୁଁ ପିନ୍ଧିଥିଲି। ଧୃତରାଷ୍ଟ୍ରଙ୍କର ପୁଅମାନେ ସମସ୍ତଙ୍କ ଆଖି ଆଗରେ ମୋତେ ବେଇଜ୍ଜତ କଲେ। ଚାକରାଣୀ ଭଳି ବ୍ୟବହାର କଲେ। ଅନ୍ୟମାନଙ୍କ ମଧ୍ୟରେ ସେଠାରେ ଉପସ୍ଥିତ ଥିଲେ ଭୀଷ୍ମ ଓ ଧୃତରାଷ୍ଟ୍ର। ମୋର ଜନ୍ମ ଓ ବାଲ୍ୟାବସ୍ଥା ବିଷୟରେ ଜାଣିଥିଲେ ବି ସେମାନେ ମୁହଁ ଖୋଲିନଥିଲେ। ଏପରିକି ମୋର ସ୍ୱାମୀମାନେ ମୋତେ ରକ୍ଷା କରିବାକୁ ଆଗେଇ ଆସିନଥିଲେ।

ସଖା! ମୋର ସ୍ୱାମୀମାନେ ପୃଥିବୀର ଅଦ୍ୱିତୀୟ ବୀର। ତଥାପି ଏପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ଓ ଦୁଃଶାସନ ବଞ୍ଚିଛନ୍ତି କେମିତି! ମୋର କେଶଧରି ମୋତେ ଟାଣିଟାଣି ନିଆଗଲା! ତୁମେ ମଧ୍ୟ ମୋର ସହାୟ ହେଲ ନାହିଁ?" କାନ୍ଦି କାନ୍ଦି କହୁଥିଲେ ଦ୍ରୌପଦୀ। ସେ ଦିନର କଥା ମନେ ପଡ଼ିଯାଆନ୍ତେ ସେ ଥରିଉଠୁଥିଲେ।

କୃଷ୍ଣ ଶୁଣିଲେ। ସେ କହିଲେ- ଯେଉଁମାନେ ତୁମକୁ ସଭାସ୍ଥଳରେ ଅପମାନିତ କରିଛନ୍ତି, ସେମାନେ କେବେହେଲେ ରକ୍ଷା ପାଇବେନାହିଁ। ମୃତ୍ୟୁ ସୁନିଶ୍ଚିତ। ତୁମେ ଲୁହ ପୋଛି ପକାଅ। ମୁଁ ପାଣ୍ଡବଙ୍କୁ ସବୁକ୍ଷେତ୍ରରେ ସାହାଯ୍ୟ କରିବି, ପରିସ୍ଥିତି ଯାହାହେଉ ନା କାହିଁକି। ସମୁଦ୍ର ଶୁଖିଯାଇପାରେ, ହିମାଳୟ ଧସିପଡ଼ିପାରେ, ଆକାଶ ଭାଙ୍ଗି ଭାଙ୍ଗି ପଡ଼ିପାରେ ମୋ କଥା କେଉଁ ଅନ୍ୟଥା ହେବନାହିଁ। ଏହା ମୋର ଶପଥ।

ଧୃଷ୍ଟଦ୍ୟୁମ୍ନ ତାଙ୍କର ଭଉଣୀ ଦ୍ରୌପଦୀଙ୍କୁ ଶାନ୍ତ୍ୱନା ଦେଲେ। କହିଲେ - ମୁଁ ଦ୍ରୋଣଙ୍କୁ ବଧକରିବି। ଶିଖଣ୍ଡୀ ଭୀଷ୍ମଙ୍କ ମୃତ୍ୟୁର କାରଣ ହେବ, ଭୀମ କୌରବ ଭାଇମାନଙ୍କୁ ବଧ କରିବେ ଏବଂ ଅର୍ଜୁନ ହତ୍ୟା କରିବେ କର୍ଣ୍ଣଙ୍କୁ। ତୁମେ ଚିନ୍ତା ପରିହାର କର।

କୃଷ୍ଣ କହିଲେ, "ଏହି ଯେଉଁ ଦୁର୍ଘଟନା ଘଟିଗଲା। ସେତେବେଳେ ମୁଁ ସାଲ୍ୱସହ ଯୁଦ୍ଧ କରୁଥିଲି। ଖବର ପାଇନାହିଁ। ମୁଁ ଶୁଣିଥିଲେ, ଆଦୌ ପଶାଖେଳ ହେବାକୁ ଦେଇନଥାନ୍ତି। ଅବଶ୍ୟ ସତ ଯେ ମୁଁ ତତ୍‌କ୍ଷଣାତ୍ ତୁମକୁ ସାହାଯ୍ୟ କରିପାରୁନି। ତେବେ ମୁଁ ଯାହା କହିଛି ତାହା ନିଶ୍ଚୟ ଘଟିବ।" କୃଷ୍ଣ ତାଙ୍କର ଭଉଣୀ ସୁଭଦ୍ରା ଓ ଶିଶୁପୁତ୍ର ଅଭିମନ୍ୟୁ ସହ ଅରଣ୍ୟ ଛାଡ଼ିଲେ। ଏବଂ ଧୃଷ୍ଟଦ୍ୟୁମ୍ନ ଦ୍ରୌପଦୀଙ୍କର ପାଞ୍ଚ ଶିଶୁପୁତ୍ରଙ୍କୁ ସାଥିରେ ନେଇ ପାଞ୍ଚାଳ ଅଭିମୁଖେ ଯାତ୍ରାରମ୍ଭ କଲେ। (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

## ଓଡ଼ିଶା ତା'ର ନାଆଁ



*ବିଜୟଲକ୍ଷ୍ମୀ ପାଣିଗ୍ରାହି*

ଯେଉଁ ମାଟିରେ
ଜନମ ଆମ
ଓଡ଼ିଶା ତା'ର ନାଆଁ
ତାହାରି ପାଣି
ପବନ ପାଇ
ହସେ ଆମ ଦୁନିଆ।

ଆମ ଓଡ଼ିଆ
ଭାଷା ବଢ଼ିଆ
ପାଇ ଜାତୀୟ ମାନ
ସାରା ଜଗତେ
ଆମ ସଂସ୍କୃତି
ଲଭିଛି ସନମାନ।

ବନ ଝରଣା
ଘର କରଣା
ପୁରାଣ ଆଉ ପୋଥି
ସବୁଜ ଭୂଇଁ
ଚଳନ୍ତି ନଈ
ସବୁ ଆମର ସାଥି।

ଏ ମାଟି ପୁଅ
ଚଷା ଭାଇର
ତ୍ୟାଗ ସେବା ଅପାର
ବାଜି ଧରମା
ବିରତ୍ୱ କଥା
ଟେକ ରଖିଛି ମାଆର।

ସେନେହ ଆମ
ବିଶାଳ ସିନ୍ଧୁ
ପ୍ରେମ ଆମ ପାରାବାର

ଭ୍ରାତୃତ୍ୱ ଆମ
ଶ୍ରେଷ୍ଠ ବନ୍ଧନ
ଶାନ୍ତି ଆଉ ମୈତ୍ରିର।

ଭକତି ଭରେ
ମଥାଟି ଆମ
ରହିଥାଏ ସଦା ନଇଁ
ମାଟି ମାଆର
ସେବା ଧରମ
ଜୀବନ ତାହାରି ପାଇଁ।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*



## ଆସିଛି ଗଣେଶ ପୂଜା

*ନଳିନୀ ଦାଶ*

ଆମ ବିଦ୍ୟାଳୟ ହସି ଉଠିଲାଣି
ଆସିଛି ଗଣେଶ ପୂଜା
ସବୁରି ମନରେ ଆନନ୍ଦ ଭରିଛି
ହେଲାଣି ମଣ୍ଡପ ସଜା।
ପ୍ରଭୁ ଶ୍ରୀଗଣେଶ ବିଜେ କରିଲେଣି
ଆଜି ଶୁଭ ଜନ୍ମଦିନ
ଭକ୍ତିରେ ପୂଜିଲେ ଗଣପତି ବାବା
ଦେବେ ବୁଦ୍ଧି ବିଦ୍ୟା ଜ୍ଞାନ।
ନଡ଼ିଆ କଦଳୀ ରାଶିଲଡୁ ସେଓ
ବାଢ଼ି ଦେଇ ଭୋଗ ଥାଳି
ଫୁଲ ମାଳ ଦେଇ ବନ୍ଦନା ଗାଇବୁ
ଧୂପ ଦୀପ ଦେବୁ ଜାଳି।
ମିଳିମିଶି ଆମେ ପୁଷ୍ପାଞ୍ଜଳି ଦେବା
ପ୍ରଭୁଙ୍କ ଆଶିଷ ନେବା
ଭଲ ପାଠ ପଢ଼ି ଜ୍ଞାନ ଅରଜିବା
ଜଗତେ ଯଶ ରଖିବା।
ବିଦ୍ୟାଲାଭ ଯିଏ କରିପାରେ ନାହିଁ
ହୋଇଯାଏ ବାଟବଣା
ପ୍ରଭୁଙ୍କ ଆଶିଷ ଝରିଲେ ମଥାରେ
ହୁଏ ପଣ୍ଡିତରେ ଗଣା।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ପରବ ମାସ

*ସୁଧାକର ରାଉତ*

ଭାଦ୍ରବ ମାସଟା ପରବ ମାସ
ଆସିଛି ଢାଳିବାକୁ ଭକ୍ତି ରସ।
ବୁଧବାରେ ଦଧିବାମନ ଓଷା
ମାଏ ପାଳନ୍ତି କରି କେତେ ଆଶା।
ଖୁଦୁରୁକୁଣୀ ଓଷା ରବିବାରେ
ପାଳନ୍ତି ଝିଏ ପ୍ରତି ଘରେ ଘରେ।
ଜନ୍ମାଷ୍ଟମୀରେ ଭକ୍ତି ଭାବ ବହି
ପୂଜନ୍ତି କୃଷ୍ଣଙ୍କୁ ଉପାସ ରହି।
ଚତୁର୍ଥୀରେ ଶ୍ରୀ ଗଜାନନ ପୂଜା
ବିଘ୍ନନାଶକଙ୍କ ଉଡ଼ାଏ ଧ୍ୱଜା।
ଗଣେଶ ଚତୁର୍ଥୀର ପରଦିନ
ନୂଆଁଖାଇ ପର୍ବେ ହଜଇ ମନ।
ରାଧାଷ୍ଟମୀ ପୁଣି ବାମନ ଜନ୍ମ
ପାଳନ୍ତି ଭକ୍ତିରେ ହୋଇଣ ମଗ୍ନ।
ମାସ ସାରା ନାନା ପରବ କରି
ଭାବ ଭୋଳେ ସର୍ବେ ଭଜନ୍ତି ହରି।
ପିଲେ ତାଙ୍କୁ ସଦା ଥାଅଟି ସ୍ମରି
ସେ ଏକା ବିପଦୁ କରିବେ ପାରି।
ସବୁ ପରବର ସିଏ ତ ମୂଳ
ତାଙ୍କୁ ଭଜ ଡେରି ନକରି ବେଳ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*



## ଆସୁଛି ଗଣେଶ ପୂଜା

*ଜୟକୃଷ୍ଣ ସାହୁ*

ଧାରା ଶିରାବଣ ଗଲାଣି ଚାଲି
ଭୋଦୁଅ ଆସିଛି ଧରାକୁ ବୁଲି
ପାର୍ବଣ ପସରା ଧରି,
ଖୁସି ମନାଇବା ଘରେ ଘରେ ଆମେ
ଗଣେଶଙ୍କୁ ପୂଜା କରି।
ଚପର ଚପର କାଦୁଅପାଣି
ଚକଟି ଚକଟି ଲହୁଲୁହାଣି
ତଥାପି ଲାଗଇ ମଜା,
ଆମ ବିଦ୍ୟାଳୟେ ପୂଜା ହେବ ବୋଲି
ହୋଇଲାଣି ସାଜସଜା।
କିଏ ବାନ୍ଧିଦିଏ ତୋରଣ ଏଠି
ଆଉ କେ ସୂତାରେ ପକାଏ ଗଣ୍ଠି
ଗୁନ୍ଥେ କେ କୁସୁମେ ମାଳ,
ଭୋଗ ନଇବେଦ୍ୟ ସଜାଡ଼ଇ କିଏ,
କିଏ କୋରା ଖଇ, ଫଳ।
ଗଣପତି ଗଣନାଥ ଗଜାନନ
ବିଦ୍ୟା ବୁଦ୍ଧି ଦାତା ସେ ଭଗବାନ
ଦେଇ ପାଦେ ପୁଷ୍ପାଞ୍ଜଳି,
ଢାଳିଦେବା ପାଇଁ ଆଶିଷ ମଥାରେ
କରିବା ସେ ପାଦେ ଅଳି,
ସ୍ୱାଦିଷ୍ଟ ଭୋଜନ ଖାଇ,
ଭଲ ମଣିଷଟେ ହେବାପାଇଁ ଆମେ
ଫେରିବା ସଂକଳ୍ପ ନେଇ।

*କପିଳପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

## ଗଜାନନ



*ରୂପେଶ ରଂଜନ ରାଉତ*

ଆହେ ପ୍ରଭୁ ଗଜାନନ ମୂଷିକ ବାହନ
ତୁମେ ପରା ଅଟ ଉମା ଶିବଙ୍କ ନନ୍ଦନ।
ଭାଦ୍ର ମାସ ଶୁକ୍ଳ ଚତୁର୍ଥୀ ଦିନ ହୁଏ ତୁମ ପୂଜନ
ଏହିଦିନ ଅଟେ ପ୍ରଭୁ ତୁମ ଜନମ ଦିନ॥

ଏହିଦିନ ପୂଜିଲେ ପ୍ରଭୁ ତୁମେ ହୁଅ ପ୍ରସନ୍ନ
ସଭିଙ୍କୁ ଦେଇଥାଅ ତୁମେ ସଦ୍‌ବୁଦ୍ଧି ଓ ସଦ୍‌ଜ୍ଞାନ।
ରିଦ୍ଧି, ସିଦ୍ଧି ଦାତା ପ୍ରଭୁ ଆହେ ଗଣପତି
ଦିଅ ବିଦ୍ୟା, ବୁଦ୍ଧି ପୁଣି ସାହସ ଶକତି॥

କାନ ଡେରି ଶୁଣ ପ୍ରଭୁ ହେ ଗଜମୁଖ
ଦୂରକର ସଂସାରରୁ ସବୁ ଦୁଃଖ ଶୋକ।
ଦେବତାଙ୍କ ମଧ୍ୟେ ତୁମ୍ଭେ ଅଗ୍ର ଈଶ୍ୱର
ଭକ୍ତି ଭରେ କରେ ତବ ପଦେ କୋଟି ନମସ୍କାର॥

*ନନ୍ଦିଗ୍ରାମ, ନାଉଗାଁହାଟ, ଜଗତସିଂହପୁର-୭୫୪୧୧୩*

## ଶ୍ରୀଗଣେଶ ପୂଜା





*ନିରଞ୍ଜନ ସାହୁ*

ଆହେ ଗଣନାଥ ଗଉରୀ ନନ୍ଦନ
ଧରାବତରଣ କର
ଭାଦ୍ର ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ
ଆସ ପାଶାଙ୍କୁଶଧର।

ଆହେ ସିଦ୍ଧିନିଧିବୁଦ୍ଧି ପ୍ରଦାୟକ
ଘେନ ଆମ୍ଭ ନମସ୍କାର
ତବ ଆରାଧନା ଅରଚନା କରୁ
କ୍ଷମା ମାଗୁ ବାରମ୍ବାର।

ଆହେ ଗଜଦନ୍ତ ମହାବଳବନ୍ତ
ସଙ୍କଟରୁ କର ପାରି
ବିଘ୍ନ ବିନାଶନ ନିବେଦନ ଘେନ
ଦୁଃଖ ଶୁଣ ଦୁଃଖହାରୀ।

ଆହେ ଗଣପତି ଆହେ ଗଣଈଶ
ବକ୍ରତୁଣ୍ଡ ଲମ୍ବୋଦର
ମଙ୍ଗଳ କରତା ମଙ୍ଗଳ କରନ୍ତୁ
ଝରୁ ସୁଖଶାନ୍ତି ଝର।

ଆମ୍ଭ ବିଦ୍ୟାଳୟେ ତବ ପୂଜାର୍ଚ୍ଚନା
ମହାଆଡମ୍ବରେ କରୁ
ମନ୍ତ୍ରପାଠ, ହୋମଯଜ୍ଞ, ସଂକୀର୍ତ୍ତନେ
ତବ ନାମ ପ୍ରଭୁ ଧରୁ।

ଅଧମ ସନ୍ତାନସନ୍ତତିଙ୍କ ପ୍ରତି
କୃପାଦୃଷ୍ଟି ରଖିଥାଅ
ପୁଷ୍ପାଞ୍ଜଳି ଆମେ ଅର୍ପଣ କରୁଛୁ
ଆଶୀର୍ବାଦ କରିଯାଅ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ପରବର ନାମ ନୂଆଖାଇ

*ପ୍ରଫୁଲ୍ଲ କୁମାର ସାହୁ*



ପଶ୍ଚିମ ଓଡ଼ିଶା ଗଣ ପର୍ବ ଆମ
ନାମ ତା'ର ନୂଆଖାଇ,
ବରଷକେ ଥରେ ପାଳୁଛୁ ସଭିଏଁ
ଦେଖରେ ଏକାଠି ହୋଇ ।୧।

ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀରେ
ଏ ପର୍ବ ପାଳନ ହୁଏ,
ପରିବାର ମେଳେ ଏହି ପରବରେ
ଘରେ ନୂଆ ଖିଆ ଯାଏ ।୨।

ଦେବପୀଠେ ହୋଇଥାଏ ପୂଜାର୍ଚ୍ଚନା
ଘରର ମଙ୍ଗଳ ପାଇଁ,
ମାଆମାନେ ମିଳି ପୂଜା କରିଥାନ୍ତି
ଦେବ ମନ୍ଦିରକୁ ଯାଇ ।୩।

ପୂଜାଶେଷ ପରେ ଗୁରୁଜନ ପଦେ
ସଭିଏଁ ଜୁହାର ହୋଇ,
ଲୋଡ଼ିଥାନ୍ତି ଗୁରୁଜନଙ୍କ ଆଶିଷ
ମନେ ଭକ୍ତି ଭାବ ବହି ।୪।

ପ୍ରତି ପରିବାର ଲୋକମାନେ ମିଶି
ଏକାଠି ଖାଆନ୍ତି ବସି,
ବରଷକେ ଥରେ ଏକାଠି ମିଶିବା
ସଭିଙ୍କୁ ବାଣ୍ଟଇ ଖୁସି ।୫।

ଶରତ ଋତୁର ଶୁଭ ଆଗମନ
ବାର୍ତ୍ତା ଦିଏ ନୂଆ ଖାଇ,
ମହା ପାର୍ବଣର ନୂଆ ପରିବେଶ
ନିଏ ଜନ ମନ ମୋହି ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା, କଟକ*
*ମୋ -୭୬୦୯୦୪୪୩୮୩*

## ଆସ ବିଦ୍ୟାପତି ଆସ...

*ରାମଚନ୍ଦ୍ର ବେହେରା*



ଆହେ ଗଣପତି ପ୍ରଭୁ ବିଦ୍ୟାପତି
ଆସ ଆସ ଧରା ଧାମ
ଅଜ୍ଞାନ ତିମିର ଦୂର କରି ପ୍ରଭୁ
ଭରିଦିଅ ଦିବ୍ୟ ଜ୍ଞାନ
ଅନ୍ଧାର ଯାଉ ଦୂରେଇ
ଜ୍ଞାନ ଆଲୋକରେ ଆଲୋକିତ ହୋଇ
ହସୁ ଏ ପବିତ୍ର ମହୀ।
ମର୍ତ୍ତ୍ୟକୁ ଓହ୍ଲାଇ ଅତି ଶରଧାରେ
ଆମ ବିଦ୍ୟାଳୟ ଆସି
ଅବୋଧ ଶିଶୁଙ୍କ ତ୍ରୁଟି ନପରଖି
ମଣ୍ଡପରେ ଯିବ ବସି
ନାନାବିଧ ପୁଷ୍ପ ଆଣି
ତୁମ ଶ୍ରୀଅଂଗକୁ ସଜାଇବୁ ପ୍ରଭୁ
ତୁମ ମନକଥା ଜାଣି।
ତୁମେ ଅଗ୍ରପୂଜ୍ୟ ପ୍ରଭୁ ଲମ୍ବୋଦର
ତୁମେ ପରା ଜ୍ଞାନଦାତା
ତୁମ କୃପା ବଳେ ମୂର୍ଖ ବି ପଣ୍ଡିତ
ହୁଅଇ ଜଗତଜିତା
ଆହେ ପ୍ରଭୁ ସିଦ୍ଧିଦାତା
ତୁମ ଶ୍ରୀପୟରେ ଏତିକି ଗୁହାରି
ବିଦ୍ୟା ଦେବ ବିଦ୍ୟାଦାତା।
ପୁଷ୍ପାଞ୍ଜଳି କାଳେ ବନ୍ଦନା ଗାଇବୁ
ଏତିକି କରୁଣା ଦେବ
ସୁକର୍ମ ସୁଧର୍ମ ସଭିଙ୍କ ପରାଣେ
ସଦା ଶୋଭା ପାଉଥିବ
ଜ୍ଞାନୀକୁ ମିଳିବ ମାନ
ଉତ୍ତମ ବିଚାର ଆପଣାଇ ଜନେ
ଖୁସୀରେ କାଟିବେ ଦିନ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୫୩୪୬*

## ସୁନାପିଲାଟି ହେବା

*ଶରତ କୁମାର ଦାସ*



ଥିଲେଟି ଖରା ଛାଇର ଲୋଡ଼ା
ସଭିଙ୍କୁ ଜଣାପଡ଼େ,
ଖରା-ଛାଇର ଲୁଚକାଳିରେ
ଆଗକୁ ଦିନ ବଢ଼େ।

ଥିଲେଟି ମାଟି ଉଠିବ ଗଛ
ମୂଳେ ତା ଦେଲେ ପାଣି,
ଗଛ ତ ଆମ ଜୀବନ ଧନ
ଦେବାନି ତାକୁ ହାଣି।

ଜଳାଇଦେଲେ ଦୀପଟି ପରା
ଅନ୍ଧାର ଯିବ କଟି,
ମାଟି ଉପରୁ କଳାଚାଦର
ଯିବଟି ସିନା ହଟି।

ଫୁଲଟି ଥିଲେ ଗୁନ୍ଥିବା ମାଳ
ମନ୍ଦିରେ ଦେବା ନେଇ,
ପୂଜିବା ଦିଅଁ ଭକତି ଭରେ
ଦୀପ ଓ ଧୂପ ଦେଇ।

ସୁରଟି ଥିଲେ ଗାଇବା ଗୀତ
ମୋହିବା ଆମେ ମନ,
ଆମ ଗୀତର ମିଠା ପରଶେ
ନାଚିବେ ଗିରି, ବନ।

ତୂଳିଟି ଥିଲେ ଆଙ୍କିବା ଛବି
ବଣ-ପାହାଡ଼-ଲତା,
ଦେଖିବ ଯିଏ ହେବ ଚକିତ
ଘୂରିବ ତାଙ୍କ ମଥା।

ସ୍ନେହ-ଶରଧା ଭାବଟି ଥିଲେ
ସବୁ ନିଜର ଲାଗେ,
ହିଂସା-କପଟ ଭାବନା ଯେତେ
ଦୂରେଇଯାଏ ବାଗେ।

ଥିଲେଟି ଗୁଣ ହାରିବା ନାହିଁ
ଜୀବନେ ଆମେ କେବେ,
ସାହାସ, ଧୈର୍ଯ୍ୟ-ଶକତି ବଳେ
ଜିଣିବା ବାଜି ତେବେ।

ସୁନାପିଲାଟି ହେବା ତ ଯେବେ
ସଭିଏ ଖୁସି ହେବେ,
କାମରେ ଆମ ହୋଇ ହରଷ
ଆଶିଷ ଢାଳିଦେବେ।

*ଅଧ୍ୟାପକ, ରାଜନୀତ ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

## ଖେଳ ପାଇଁ ସାଥୀ ଲୋଡ଼ା

*କୀର୍ତ୍ତନ ସାହୁ*

ଟିକି ପିଲାଟିଏ ଖେଳୁଛି
ଏଣେ ତେଣେ ଟିକେ ଚାହୁଁଛି
ଖେଳରେ ଲାଗୁନି ମନ
ଏକା ଏକା ବସି
କେତେ ସେ ଖେଳିବ
ଖେଳଣା ଏବେ ତା ଧନ।

ଖେଳଣାକୁ କଥା ହେଉଛି
ଖାଇବାକୁ ତାକୁ ଦେଉଛି
ଖାଉ ନାହିଁ ସିଏ ଜମା
ସେହି ସମୟରେ
ପହଞ୍ଚି ଗଲାରେ
ପଡୋଶୀ ଘରର ରମା।

ଦୁହେଁ ସାଥୀ ହୋଇ ଖେଳିଲେ
ପରସ୍ପରେ କଥା ହୋଇଲେ
ଟିକି ପିଲା ଖୁସି ହେଲା
ଯେତେକ ଖେଳଣା
ରଖି ଥିଲା ସିଏ
ସବୁ ଆଣି ସେଠି ଦେଲା।

ଖେଳ ବେଳେ ସାଥୀ ଲୋଡାରେ
ଏ କଥା ହୋଇଛି ଯୋଡ଼ାରେ
ଦୁହେଁ ଖେଳୁଥାନ୍ତି ମିଶି
ସମୟ ତାଙ୍କୁରେ
ଜଣା ପଡ଼େ ନାହିଁ
ଖୁସି ଭାବ ଯାଏ ଦିଶି।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

## କେତେ ଯେ ମହାନ ଅଟୁରେ ତୁହି



*ସୁରମା ମିଶ୍ର*

ଶ୍ରମିକ ଭାଇ ମୋ ଶ୍ରମିକ ଭାଇ
ତୋ ଶ୍ରମଦାନର ତୁଳନା ନାହିଁ
କେତେ କାରଖାନା ଓ କୋଠାବାଡି
ଗଢୁଅଛୁ ଦେହୁ ରକ୍ତ ନିଗାଡି॥

ସଭିଙ୍କୁ ଯୋଗାଉ ତୁ କୋଠାଘର
ନିଜଘର ଜରି ପାଲ ଛପର
ସଭିଏଁ ଶୁଅନ୍ତି ଦାମୀ ଗଦିରେ
ତୁ ଶୋଉ ଖଣ୍ଡିଏ ଛିଡ଼ା ପଟିରେ॥

ତୋ ଶାଗ ପଖାଳ ତୋର ଅମୃତ
ତାକୁ ଖାଇ ତୁରେ ଭାରି ଉଷତ
ଅଧା ଦିନେ ପେଟେ ନ ପଡେ ଦାନା
ଫୁଙ୍ଗୁଳା ଦେହରେ ନଥାଏ କନା॥

ତଥାପି ତୋ ମୁଖେ ଫୁଟଇ ହସ
କେବେ ହେଲେ ତୁରେ ନୋହୁ ବିରସ
ନିଜେ ଦୁଃଖ ସହି ଦେଉରେ ସୁଖ
ତୋ ଦୁଃଖ ହରିବେ କଳା ଶ୍ରୀମୁଖ॥

ଝାଟିମାଟି ତୋର କୁଡିଆ ଘରେ
କେତେ ଶାନ୍ତିରେ ତୁ ଶୋଇ ପଡୁରେ
ଧନ୍ୟ ଧନ୍ୟ ଧନ୍ୟ ଧନ୍ୟରେ ଭାଇ
କେତେ ଯେ ମହାନ ଅଟୁରେ ତୁହି॥

ତୋ ଗୁଣ ଗାଇଲେ ସରିବ ନାହିଁ
ତୋ ସମ କି କେବେ ହୋଇବେ କେହି
ଠାକୁରଙ୍କ ପାଖେ କରେ ଜୁହାର
ସୁଖରେ ରଖନ୍ତୁ ତୋ ପରିବାର॥

*ବି ଏଲ ୩୯, ଭି ଏସ ଏସ*
*ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଏସିଆ କପ୍ ହକି ୨୦୨୫ : ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି



**ବେଙ୍ଗାଲୁରୁ**

ଆସନ୍ତା ଏସିଆ କପ୍ ହକି ୨୦୨୫ ପାଇଁ ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ପୁରୁଷ ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ତିନି ଖେଳାଳି ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍ ସ୍ଥାନ ପାଇଛନ୍ତି। ଟୁର୍ଣ୍ଣାମେଣ୍ଟଟି ବିହାରର ରାଜଗିର୍ ହକି ଷ୍ଟାଡିୟମରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ମଧ୍ୟରେ ଖେଳାଯିବ।

ହକି ଇଣ୍ଡିଆ ବୁଧବାର ଏହି ଦଳ ଘୋଷଣା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଆଗାମୀ ବର୍ଷ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ହେବାକୁ ଥିବା ହକି ବିଶ୍ୱକପ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ମଧ୍ୟ ଅଟେ। ଭାରତ ପୁଲ୍ ଏ'ରେ ଜାପାନ, ଚାଇନା ଓ କାଜାଖସ୍ତାନ ସହ ରହିଛି। ପୁଲ୍ ବି'ରେ ବର୍ତ୍ତମାନର ଚାମ୍ପିଅନ ଦକ୍ଷିଣ କୋରିଆ, ମାଲେସିଆ, ବାଂଲାଦେଶ ଓ ଚାଇନିଜ ତାଇପେଇ ଅଛନ୍ତି। ପାକିସ୍ତାନ ଓ ଓମାନ ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିବାରୁ ବାଂଲାଦେଶ ଓ କାଜାଖସ୍ତାନ ସେମାନଙ୍କ ସ୍ଥାନ ନେଇଛନ୍ତି।

ଭାରତ ଅଗଷ୍ଟ ୨୯ରେ ଚାଇନା, ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନ ବିପକ୍ଷରେ ଖେଳିବ। ଦଳରେ ଅଭିଜ୍ଞ ଖେଳାଳିଙ୍କ ସହ ସନ୍ତୁଳନ ରହିଛି। ଗୋଲକିପିଂ ଦାୟିତ୍ୱ କ୍ରିଶନ ପାଠକ ଓ ସୁରଜ କର୍କେରା ସମ୍ଭାଳିବେ। ଡିଫେନ୍ସରେ ହରମନପ୍ରୀତ ଓ ଅମିତ ରୋହିଦାସଙ୍କ ସହ ଜରମନପ୍ରୀତ ସିଂହ, ସୁମିତ, ସଞ୍ଜୟ ଓ ଜୁଗରାଜ ସିଂହ ରହିଛନ୍ତି। ମିଡଫିଲ୍ଡରେ ରାଜିନ୍ଦର ସିଂହ, ରାଜ କୁମାର ପାଲ, ହାର୍ଦ୍ଦିକ ସିଂହ, ମନପ୍ରୀତ ସିଂହ ଓ ବିବେକ ସାଗର ପ୍ରସାଦ ଏବଂ ଫରୱାର୍ଡରେ ମନଦୀପ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜୀତ ସିଂହ ଓ ଦିଲପ୍ରୀତ ସିଂହ ସାମିଲ ହୋଇଛନ୍ତି। ନୀଲମ ସଞ୍ଜୀପ ଖେସ୍ ଓ ସେଲଭମ କାର୍ତ୍ତି ରିଜର୍ଭ ଖେଳାଳି ଭାବେ ରହିଛନ୍ତି।

ମୁଖ୍ୟ କୋଚ୍ କ୍ରେଗ ଫୁଲଟନ କହିଛନ୍ତି, "ଆମେ ଏକ ଅଭିଜ୍ଞ ଦଳ ନେଇଛୁ, ଯେଉଁମାନେ ଉଚ୍ଚ-ଚାପ ପରିସ୍ଥିତିରେ ପ୍ରଦର୍ଶନ କରିବାକୁ ଜାଣନ୍ତି। ବିଶ୍ୱକପ ଯୋଗ୍ୟତା ପାଇଁ ଏସିଆ କପ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ଆମେ ସମନ୍ୱିତ ଓ ଦୃଢ଼ ଖେଳାଳି ଚୟନ କରିଛୁ।"

# ଆଇସିସି ଓଡିଆଇ ର୍ୟାଙ୍କିଙ୍ଗରୁ ହଟିଲା ବିରାଟ-ରୋହିତଙ୍କ ନାମ

**ନୂଆଦିଲ୍ଲୀ**

କ୍ରିକେଟ ଫ୍ୟାନ୍ସଙ୍କୁ ଚକିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଭାରତର ଦୁଇ ଷ୍ଟାର ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନାଁକୁ ଆଇସିସି ଚଳିତ ସପ୍ତାହର ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗରୁ ହଟାଇ ଦେଇଛି। ର୍ୟାଙ୍କିଙ୍ଗରେ ରୋହିତ ଓ ବିରାଟ ଯଥାକ୍ରମେ ୨ ନମ୍ବର ଓ ୪ ନମ୍ବରରେ ରହିଥିଲେ। ଉଭୟ ବେଶ୍ କିଛି ମାସ ହେଲାଣି ଟପ୍ ୧୦ ବ୍ୟାଟରଙ୍କ ମଧ୍ୟରେ ରହି ଆସୁଥିଲେ।



ହେଲେ ଆଇସିସି ଜାରି କରିଥିବା ସାପ୍ତାହିକ ର୍ୟାଙ୍କିଙ୍ଗ ତାଲିକାରୁ ହଠାତ୍ ଉଭୟଙ୍କ ନାଁ ହଟି ଯାଇଛି। ଉଭୟଙ୍କ ନାଁ ଟପ୍-୧୦ କିମ୍ବା ଟପ୍-୧୦୦ ମଧ୍ୟରେ ବି ନାହିଁ। ଯଦି କୌଣସି ଖେଳାଳି ଅବସର ଘୋଷଣା କରନ୍ତି, ତା'ହେଲେ ଆଇସିସି ର୍ୟାଙ୍କିଙ୍ଗରୁ ନାଁ ହଟାଇବାର ପ୍ରାବଧାନ ରହିଛି। କିନ୍ତୁ ରୋହିତ କିମ୍ବା ବିରାଟ କେହି ବି ଏଯାଏ ଦିନିକିଆରୁ ଅବସର ଘୋଷଣା କରି ନାହାନ୍ତି। ତଥାପି ଆଇସିସି କାହିଁକି ଏପରି ପଦକ୍ଷେପ ନେଲା, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଗତ ସପ୍ତାହରେ ରୋହିତ ଓ ବିରାଟ ଟପ୍-୧୦ରେ ବେଶ୍ ମଜବୁତ ହୋଇ ରହିଥିଲେ। ବାବର ଆଜମଙ୍କୁ ପଛରେ ପକାଇ ରୋହିତ ୩ ନମ୍ବରରୁ ୨ନଂକୁ ଉଠିଥିଲେ। ବିରାଟ ପୂର୍ବଭଳି ୪ ନମ୍ବରରେ ରହିଥିଲେ।

ଭାରତର ଶୁବମନ ଗିଲ୍ ପୂର୍ବ ଭଳି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବେଳେ ରୋହିତ ଓ ବିରାଟ ହଠାତ ବାଦ୍ ପଡ଼ିବାରୁ ଶ୍ରେୟସ ଆୟର ୮ରୁ ୬ ନମ୍ବରକୁ ଉଠିଯାଇଛନ୍ତି। ପାକିସ୍ତାନର ବାବର ଆଜମ ଦ୍ୱିତୀୟ, ନ୍ୟୁଜିଲାଣ୍ଡର ଡାରେଲ ମିଚେଲ ତୃତୀୟ, ଶ୍ରୀଲଙ୍କାର ଚରିଥ ଅସଲଙ୍କା ୪ର୍ଥ ଓ ଆୟର୍ଲ୍ୟାଣ୍ଡର ହ୍ୟାରୀ ଟେକ୍ଟର ୫ମ ସ୍ଥାନରେ ଅଛନ୍ତି।

ରୋହିତ ଓ ବିରାଟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସାରିଛନ୍ତି। କିନ୍ତୁ ଉଭୟ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ଏବେ ଭାରତର କୌଣସି ଦିନିକିଆ ସିରିଜ ନଥିବାରୁ ଉଭୟଙ୍କୁ ପଡ଼ିଆରେ ଦେଖିବାକୁ ମିଳୁନାହିଁ। ଶେଷ ଥର ପାଇଁ ଉଭୟ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ନଜର ଆସିଥିଲେ।

# ପୃଥ୍ୱୀ ଶ'ଙ୍କ ଦମ୍‌ଦାର କମବ୍ୟାକ୍ : ହାସଲ କଲେ ଦ୍ରୁତ ଶତକ

**ମୁମ୍ବାଇ**

ଭାରତୀୟ କ୍ରିକେଟରେ ପୃଥ୍ୱୀ ଶ', ଯିଏ ଏକଦା ସଚିନ ତେନ୍ଦୁଲକରଙ୍କ ଉତ୍ତରାଧିକାରୀ ଭାବେ ଗଣା ଯାଉଥିଲେ, ଗତ କିଛି ବର୍ଷରେ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ପୁନର୍ବାର ନିଜକୁ ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ୨୫ ବର୍ଷୀୟ ଏହି ଓପନିଂ ବ୍ୟାଟର ବୁଚି ବାବୁ ଟୁର୍ଣ୍ଣାମେଣ୍ଟରେ ଛତିଶଗଡ଼ ବିପକ୍ଷରେ ଏକ ଦ୍ରୁତ ଶତକ ହାସଲ କରିଛନ୍ତି। ତେବେ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ଥିବା ସମୟରେ ପାଇଥିବା ପୂର୍ବତନ ଓ ବର୍ତ୍ତମାନର କ୍ରିକେଟରଙ୍କ ସମର୍ଥନ ତାଙ୍କୁ ଏବେ ମିଳୁନାହିଁ।

ମଙ୍ଗଳବାର ଖେଳ ଶେଷ ପରେ ପୃଥ୍ୱୀ କହିଛନ୍ତି, "ମୁଁ ପୁଣି ଶୂନରୁ ଆରମ୍ଭ କରୁଛି। ଜୀବନରେ ଅନେକ ଉତ୍ଥାନ-ପତନ ଦେଖିଛି। ମୁଁ ନିଜ ଉପରେ ଓ ମୋ କାର୍ଯ୍ୟଶୈଳୀ ଉପରେ ଆତ୍ମବିଶ୍ୱାସୀ। ମୁଁ ଆଶା କରୁଛି ଏହି ସିଜନ ମୋ ଓ ମୋ ଦଳ ପାଇଁ ଭଲ ହେବ।"

ସେ ଆହୁରି କହିଛନ୍ତି, "ମୁଁ କିଛି




ବଦଳାଇବାକୁ ଚାହୁଁନାହିଁ। ୧୯ ବର୍ଷରୁ କମ୍ ଦଳ ପାଇଁ ଖେଳିବା ବେଳେ ଯେଉଁ ମୌଳିକ ଜିନିଷ ମୋତେ ଭାରତୀୟ ଦଳରେ ସ୍ଥାନ ଦେଇଥିଲା, ସେହିଗୁଡ଼ିକୁ ପୁଣି ଫେରିଛି। ଅଧିକ ଅଭ୍ୟାସ, ଜିମ, ଦୌଡ଼ିବା ଭଳି ଛୋଟ ଛୋଟ ଜିନିଷ ଯାହା ମୁଁ ୧୨-୧୩ ବର୍ଷ ବୟସରୁ କରୁଛି।"

୨୦୨୧ରେ ଶେଷ ଥର ଭାରତ ପାଇଁ ଖେଳିଥିବା ପୃଥ୍ୱୀ ସୋସିଆଲ ମିଡିଆରୁ ଦୂରେଇ ରହୁଥିବା କହିଛନ୍ତି, ଯେଉଁଠାରେ ସେ ପୂର୍ବରୁ ଅନେକ ଟ୍ରୋଲିଂର ଶିକାର ହୋଇଛନ୍ତି। ସେ କହିଛନ୍ତି, "ମୁଁ ନିଜେ ହେବାକୁ ଚେଷ୍ଟା କରୁଛି ଏବଂ ସୋସିଆଲ ମିଡିଆ ଭଳି ବିଭ୍ରାନ୍ତିକର ଜିନିଷରୁ ଦୂରେଇ ରହୁଛି। ଏବେ ସୋସିଆଲ ମିଡିଆ ବେଶ୍ ଖରାପ। ଏହା ନ ବ୍ୟବହାର କଲେ ଶାନ୍ତି ମିଳେ।"

ବର୍ତ୍ତମାନର କିମ୍ବା ପୂର୍ବତନ ଭାରତୀୟ ଖେଳାଳିଙ୍କ ସମର୍ଥନ ବିଷୟରେ ପଚରାଯିବାରେ ପୃଥ୍ୱୀ କହିଛନ୍ତି, "ମୋତେ କାହାର ସହାନୁଭୂତି ଦରକାର ନାହିଁ। ମୋ ପିତାମାତା ଓ ସାଙ୍ଗମାନେ, ଯେଉଁମାନେ ମୋ ମାନସିକ ଅବସାଦ ସମୟରେ ମୋ ସାଙ୍ଗରେ ଥିଲେ, ସେମାନଙ୍କ ସମର୍ଥନ ମୋ ପାଇଁ ଯଥେଷ୍ଟ।"

# ଛାଡ଼ପତ୍ର ପରେ ପ୍ରଥମଥର ମୁହଁ ଖୋଲିଲେ ଧନଶ୍ରୀ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମା କିଛି ମାସ ପୂର୍ବରୁ ଛାଡ଼ପତ୍ର ନେଇଥିଲେ। କିନ୍ତୁ ଉଭୟ ପ୍ରାୟତଃ ଖବରରେ ଅଛନ୍ତି। କିଛିଦିନ ପୂର୍ବରୁ ଚହଲ ପ୍ରଥମ ଥର ପାଇଁ ଛାଡ଼ପତ୍ର ବିଷୟରେ କହି ଥିଲେ। କୋରିଓଗ୍ରାଫର ଏବଂ ଅଭିନେତ୍ରୀ ଧନଶ୍ରୀ ଛାଡ଼ପତ୍ର ସମୟରେ କୋର୍ଟରେ ତାଙ୍କର ଅବସ୍ଥା କ'ଣ ଥିଲା ତାହା କହିଥିଲେ। କିନ୍ତୁ ଚହଲଙ୍କୁ ସୁଗାର ଡ୍ୟାଡି ଟି-ସାର୍ଟ ପିନ୍ଧିଥିବା ଦେଖିବା ମାତ୍ରେ ସେ କହିଥିଲେ - ଏବେ ସବୁକିଛି ସରିଯାଇଛି।

ଚହଲ ପୋଡକାଷ୍ଟରେ କହିଥିଲେ, ସେ କୌଣସି ନାଟକ ଚାହାନ୍ତି ନାହିଁ, ବରଂ ସେହି ଟି-ଶର୍ଟ ମାଧ୍ୟମରେ ଏକ ବାର୍ତ୍ତା ଦେବାକୁ ଚାହାନ୍ତି। ଧନଶ୍ରୀ ଏବେ କହିଛନ୍ତି, ସେ ଭୂତକୁ ଭୟ କରନ୍ତି ନାହିଁ, ବରଂ ପୋଡକାଷ୍ଟକୁ ଭୟ କରନ୍ତି। ପୋଡକାଷ୍ଟରେ କିଏ ଆସି କ'ଣ କହିବ।

ଧନଶ୍ରୀ କହିଛନ୍ତି, ଉଭୟଙ୍କ ଛାଡ଼ପତ୍ର ହେଉଥିଲା, ସେ ବହୁତ ଭାବପ୍ରବଣ ଥିଲେ। ମୁଁ ସେହି ଅଭିଜ୍ଞତା କହିପାରିବି ନାହିଁ କିନ୍ତୁ ଏହା କଷ୍ଟକର ଥିଲା ଏବଂ ମୁଁ କାନ୍ଦୁଥିଲି। ମୁଁ ଜାଣିଥିଲି ଯେ ଲୋକମାନେ ମୋତେ ଦୋଷ ଦେବେ, ଏହା ହେଉଛି ପ୍ୟାଟର୍ନ। ସବୁକିଛି ସରିବା ପରେ, ମୁଁ ଗାଡ଼ିରେ ବସିଥିଲି, ତା'ପରେ ମୁଁ ତାଙ୍କୁ ଫୋନରେ ଟି-ଶର୍ଟ ପିନ୍ଧିଥିବା ଦେଖିଲି। ଅନେକ କଥା ମୋ ମନରେ ଥିଲା। କିନ୍ତୁ ସେତେବେଳେ ମୋତେ ଲାଗିଲା ଯେ ସବୁକିଛି ସରିଗଲା, ମୁଁ କାହିଁକି କାନ୍ଦିବି ? ଧନଶ୍ରୀ ଆହୁରି ମଧ୍ୟ କହିଛନ୍ତି, ମୁଁ ତାଙ୍କୁ ପ୍ରତ୍ୟେକ ଛୋଟ ବଡ଼ କଥାରେ ସମର୍ଥନ କରିଛି। ପ୍ରତ୍ୟେକ ମୁଦ୍ରାର ଦୁଇଟି ପାର୍ଶ୍ୱ ଥାଏ। ଗୋଟିଏ ହାତରେ କେବେ ପ୍ରଶଂସା କରାଯାଏ ନାହିଁ। କେବଳ ମୁଁ କିଛି କହୁନାହିଁ ବୋଲି, ଏହାର ଅର୍ଥ ନୁହେଁ ଯେ ତୁମେ ଏହାର ଫାଇଦା ନେବ। ଏହା ଭୁଲ। ତଥାପି, ସେ ଚହଲ ବିଷୟରେ କିଛି କହି ନ ଥିଲେ।

# ୮୦ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ପୂର୍ବାହ୍ନରେ ସୁନ୍ଦରଗଡ଼ର ଜିଲ୍ଲା ଷ୍ଟାଡିୟମରେ ୮୦ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା-୨୦୨୫ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର ଯୋଗ ଦେଇ ଭବ୍ୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକ ମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ସେ ଆହୁରି କହିଥିଲେ ଯେ, ନିକଟ ଅତୀତରେ ଆମେରିକାର ବିର୍ମିଂହାମଠାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ା-୨୦୨୫ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୁଲିସର ୭ ଜଣ କୃତି କ୍ରୀଡ଼ାବିତ୍ ମାନେ ଅପୂର୍ବ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଓଡ଼ିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖି, ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସମେତ ୨୦ ପଦକ ହାସଲ କରିଛନ୍ତି। ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ଏବଂ ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ରାଜେଶ କୁମାର ମତବ୍ୟକ୍ତ କରିଥିଲେ।

ଏହି ଫୁଟବଲ ଚାମ୍ପିଅନସିପ୍‌ରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା ପୋଲିସ ଏବଂ ବାଟାଲିୟନର ୪୭ ଗୋଟି ପୋଲିସ ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ପ୍ରାୟ ୮୫୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ଫୁଟବଲ ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଅଛି। ପ୍ରଥମ ପର୍ଯ୍ୟାୟରେ ୨୪ ଗୋଟି ପୋଲିସ ଦଳ ଅଂଶ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୩ ଗୋଟି ପୋଲିସ ଫୁଟବଲ ଦଳ ଅଂଶ ଗ୍ରହଣ କରିଅଛନ୍ତି।

ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୬ ତାରିଖରୁ ଆରମ୍ଭ ହୋଇ ୩ ସେପ୍ଟେମ୍ବର ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ଉଦ୍‌ଘାଟନୀ ସମାରୋହରେ ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ଼ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗୁଡ୍ର, ରାଉରକେଲା ଏସ୍‌ପି ନିତେଶ ୱାଧାନୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଉଦଘାଟନୀ ମ୍ୟାଚ୍ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ସହ ଅଷ୍ଟମ ସ୍ୱତନ୍ତ୍ର ଆଇଆରବିଏନ, ଭଞ୍ଜନଗର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୬-୦ ଗୋଲ୍‌ରେ ବିଜୟୀ ହୋଇଛି।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ା ଏବଂ କମିଶନରେଟ୍ ପୋଲିସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ା ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ସେହିପରି ଭ୍ୱାନୀପୁର ଖେଳପଡ଼ିଆରେ ହୋଇଥିବା ତୃତୀୟ ମ୍ୟାଚ୍‌ରେ ପ୍ରଥମ ଆଇଆରବିଏନ କୋରାପୁଟ ଢେଙ୍କାନାଳକୁ ୬-୦ ଗୋଲ୍‌ରେ ପରାସ୍ତ କରି ବଡ଼ ବିଜୟ ଲାଭ କରିଛି।

ଚତୁର୍ଥ ମ୍ୟାଚ ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏବଂ ୪ର୍ଥ ଆଇଆରବିଏନ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୪-୧ ଗୋଲ ବ୍ୟବଧାନରେ ଝାରସୁଗୁଡ଼ା ଜିଲ୍ଲା ପୋଲିସ ବିଜୟୀ ହୋଇଛି।

ପଞ୍ଚମ ମ୍ୟାଚ ବ୍ରହ୍ମପୁର ଜିଲ୍ଲା ଏବଂ ତୃତୀୟ ଏସଏସବିଏନ ଗଜପତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବ୍ରହ୍ମପୁର ଜିଲ୍ଲା ପୋଲିସ ୨-୦ ଗୋଲରେ ବିଜୟୀ ହୋଇଛି।

# ସୁକିନ୍ଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି : ୮୪ ମାମଲା ପଞ୍ଜୀକୃତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ




ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ଗୋଟି ଅଭିଯୋଗର ଶୁଣାଣି କରା ଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ତହସିଲଦାର, ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅମ୍ବର୍ କୁମାର କର ୧୦ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ, ୧୨ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର, ୪ ଜଣ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟ ଫୋନ, ୨ ଜଣ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣ ଦିବ୍ୟାଙ୍ଗଙ୍କୁ ଟି.ଏଲ.ଏମ କିଟ୍ ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ସି.ପି ଚେୟାର ୱିଥ କମୋଡ ବଣ୍ଟନ କରିଥିଲେ।

# ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ୍ ଆଗତ କଲେ ସରକାର : ନବସୃଜନକୁ ପ୍ରୋତ୍ସାହନ, ନାଗରିକଙ୍କ ସୁରକ୍ଷା

- ଭାରତ ସୃଜନଶୀଳ ଏବଂ ଅଭିନବ ଗେମିଂ ବିକାଶର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ଦିଗରେ ଅଗ୍ରସର : ଇ-ସ୍ପୋର୍ଟସ୍, ଅନଲାଇନ୍ ସୋସିଆଲ ଗେମ୍ସକୁ ପ୍ରୋତ୍ସାହନ ଦେବା ସହିତ ଅନଲାଇନ୍ ମନି ଗେମ୍ସ ଉପରେ ପ୍ରତିବନ୍ଧକ ଲାଗୁ କରିବା ନିମନ୍ତେ ଆଗତ କରାଯାଇଛି ନୂଆ ବିଲ୍।
- ଡିଜିଟାଲ ଇଣ୍ଡିଆରେ ସନ୍ତୁଳିତ ବିକାଶ : ନବସୃଜନକୁ ପ୍ରୋତ୍ସାହିତ କରିବ ଏବଂ ସମାଜକୁ ସୁରକ୍ଷା ଦେବ ଅନଲାଇନ୍ ଗେମିଂ ବିଲ୍, ୨୦୨୫।
- ଯୁବବର୍ଗ ଏବଂ ପରିବାରଗୁଡ଼ିକୁ ଆର୍ଥିକ, ମନୋବୈଜ୍ଞାନିକ ଏବଂ ସାମାଜିକ କ୍ଷତିରୁ ରକ୍ଷା କରିବ।
- ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱସମ୍ପନ୍ନ ବ୍ୟବହାର ସୁନିଶ୍ଚିତ କରିବା ସହିତ ଉପଭୋକ୍ତା ସଂରକ୍ଷଣ ଏବଂ ଜାତୀୟ ସୁରକ୍ଷାକୁ ମଜବୁତ କରିବ।

ବିଗତ ୧୧ ବର୍ଷ ମଧ୍ୟରେ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଆମ ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି। ଡିଜିଟାଲ ଇଣ୍ଡିଆ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ୟୁପିଆଇ ପେମେଣ୍ଟ ସିଷ୍ଟମ, ଫାଇଭ୍-ଜି ସଂଯୋଗ ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମ ଆମ ଦେଶକୁ ଏକ ନୂଆ ପରିଚୟ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ନାଗରିକଙ୍କୁ ଅପାର ଲାଭ ମିଳିଛି। ଏଥିସହିତ ନୂତନ ବିପଦ ମଧ୍ୟ ଉଭା ହୋଇଛି, ବିଶେଷ କରି ଡିଜିଟାଲ କ୍ଷେତ୍ରରେ। ସେଥିପାଇଁ ପ୍ରଯୁକ୍ତିବିଦ୍ୟାର ଦୁରୂପଯୋଗ କାରଣରୁ ହେଉଥିବା ସମ୍ଭାବ୍ୟ କ୍ଷତିଠାରୁ ସମାଜକୁ ସୁରକ୍ଷିତ ରଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ବିଚାରକୁ ନେଇ ସରକାର ଅନଲାଇନ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ, ୨୦୨୫ ଆଗତ କରିଛନ୍ତି।

ଏହି ବିଲ୍ ଇ-ସ୍ପୋର୍ଟସ୍ ଏବଂ ଅନଲାଇନ୍ ସୋସିଆଲ ଗେମ୍ସକୁ ପ୍ରୋତ୍ସାହିତ କରିଥାଏ, କିନ୍ତୁ ହାନିକାରକ ଅନଲାଇନ୍ ମନି ଗେମିଂ ସେବା, ବିଜ୍ଞାପନ ଏବଂ ଏହା ସହ ଜଡ଼ିତ ଆର୍ଥିକ ନେଣଦେଣ ଉପରେ ପ୍ରତିବନ୍ଧକ ଲାଗୁ କରିଥାଏ। ବିଲ୍‌ରେ ସବୁ ଅନଲାଇନ୍ ସଟ୍ଟାବାଜୀ ଏବଂ ଜୁଆ ଆଧାରିତ କାର୍ଯ୍ୟକଳାପକୁ ମଧ୍ୟ ବେଆଇନ ଘୋଷଣା କରାଯାଇଛି। ଏଥିରେ ଅନଲାଇନ୍ ଫାଣ୍ଟାସି ଖେଳ ଠାରୁ ଆରମ୍ଭ କରି ଅନଲାଇନ୍ ଜୁଆ କାରବାର (ଯଥା ପୋକର୍, ରମି ଏବଂ ଅନ୍ୟ କାର୍ଡ ଗେମ୍) ଏବଂ ଅନଲାଇନ୍ ଲଟେରୀ ପର୍ଯ୍ୟନ୍ତ ସାମିଲ ରହିଛି। ଏହା ଆମର ଯୁବବର୍ଗଙ୍କୁ ଶିକାରୀ ଅନଲାଇନ୍ ରିୟଲ୍ ମନି ଗେମିଂ ଆପ୍ ଗୁଡ଼ିକ ଠାରୁ ସୁରକ୍ଷା ଦେବ। ଏହି ଆପ୍ ଗୁଡ଼ିକ ଯୁବବର୍ଗଙ୍କୁ ଭ୍ରମାତ୍ମକ 'ଆର୍ଥିକ ଲାଭ ପ୍ରତିଶ୍ରୁତି' ମାଧ୍ୟମରେ ବାଧ୍ୟତାମୂଳକ ଏବଂ ନିଶା ଲାଗି ଯାଉଥିବା ଖେଳରେ ସାମିଲ କରିଥା'ନ୍ତି, ଯାହାଫଳରେ ସାରା ପରିବାର ଆର୍ଥିକ ସଂକଟରେ ପଡ଼ିଯାଇଥାଏ।

ଅଧିକନ୍ତୁ, ଭାରତୀୟ ନ୍ୟାୟ ସଂହିତା ୨୦୨୩ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଆଇନ ଭଳି ଭୌତିକ ଦୁନିଆ ପାଇଁ ରହିଥିବା ବର୍ତ୍ତମାନର ଆଇନରେ ସଟ୍ଟା ଏବଂ ଜୁଆ କାରବାର ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି ଏବଂ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଛି। ତେଣୁ ଭୌତିକ ଦୁନିଆ ଅନୁରୂପ ଡିଜିଟାଲ ଡୋମେନ୍ ପାଇଁ ଏକ ଜାତୀୟ ଆଇନ ଆଣିବା ଲାଗି ନୂଆ ବିଲ୍‌ରେ ପ୍ରସ୍ତାବ ରହିଛି।

ଇ-ସ୍ପୋର୍ଟସକୁ ପ୍ରୋତ୍ସାହନ ଦେବା ଲାଗି ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଏକ ସମର୍ପିତ ରୂପରେଖ ପ୍ରସ୍ତୁତ କରିବ। ଅନଲାଇନ୍ ସୋସିଆଲ ଗେମ୍ସ ନିମନ୍ତେ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଶିକ୍ଷା ଓ ସାଂସ୍କୃତିକ ମୂଲ୍ୟବୋଧ, ଦକ୍ଷତା ବିକାଶ ଏବଂ ସାମାଜିକ ସମ୍ପର୍କକୁ ପ୍ରୋତ୍ସାହନ ଦେଉଥିବା ଅନଲାଇନ୍ ଗେମ୍ ଗୁଡ଼ିକୁ ସମର୍ଥନ ଯୋଗାଇ ଦେବ।

ତେଣୁ ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟାର ସକାରାତ୍ମକ ଦିଗକୁ ପ୍ରୋତ୍ସାହିତ କରିବା ସହିତ ସମାଜକୁ ଅନଲାଇନ୍ ମନି ଗେମ୍ସର ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ଦେବା।

ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ, ୨୦୨୫ରେ ଥିବା ପ୍ରମୁଖ ବ୍ୟବସ୍ଥା

**୧. ଇ-ସ୍ପୋର୍ଟସର ପ୍ରୋତ୍ସାହନ ଏବଂ ସ୍ୱୀକୃତି**

- ଭାରତରେ ପ୍ରତିଯୋଗିତାମୂଳକ କ୍ରୀଡ଼ାର ଏକ ବୈଧ ରୂପ ଭାବରେ ଇ-ସ୍ପୋର୍ଟସକୁ ସ୍ୱୀକୃତି।
- ଇ-ସ୍ପୋର୍ଟସ କାର୍ଯ୍ୟକ୍ରମ ପରିଚାଳନା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ମାର୍ଗଦର୍ଶିକା ଏବଂ ମାନଦଣ୍ଡ ପ୍ରସ୍ତୁତ କରିବ।
- ଇ-ସ୍ପୋର୍ଟସ ଉନ୍ନତି ପାଇଁ ତାଲିମ ଏକାଡେମୀ, ଗବେଷଣା କେନ୍ଦ୍ର ଏବଂ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ପ୍ରତିଷ୍ଠା।
- ପ୍ରୋତ୍ସାହନ ଯୋଜନା, ସଚେତନତା ଅଭିଯାନ ଏବଂ ବ୍ୟାପକ କ୍ରୀଡ଼ା ନୀତି ପଦକ୍ଷେପରେ ଇ-ସ୍ପୋର୍ଟସ ସମନ୍ୱୟ।

**୨. ସାମାଜିକ ଓ ଶିକ୍ଷା ଗେମ୍ ଗୁଡ଼ିକର ପ୍ରୋତ୍ସାହନ**

- କେନ୍ଦ୍ର ସରକାରଙ୍କୁ ଅନଲାଇନ୍ ସାମାଜିକ ଖେଳ ବା ସୋସିଆଲ୍ ଗେମ୍ ଗୁଡ଼ିକୁ ଚିହ୍ନଟ, ବର୍ଗୀକରଣ ଏବଂ ପଞ୍ଜିକରଣ କରିବାକୁ କ୍ଷମତା ଦିଆଯାଇଛି।
- ନିରାପଦ, ବୟସ-ଉପଯୁକ୍ତ ସାମାଜିକ ଏବଂ ଶିକ୍ଷାଭିତ୍ତିକ ଅନଲାଇନ୍ ଗେମ୍ ବିକାଶ ଏବଂ ବିତରଣ ପାଇଁ ପ୍ଲାଟଫର୍ମର ସୁବିଧା।
- ମନୋରଞ୍ଜନ, ଦକ୍ଷତା-ବିକାଶ ଏବଂ ଡିଜିଟାଲ୍ ସାକ୍ଷରତାରେ ସାମାଜିକ ଖେଳର ସକାରାତ୍ମକ ଭୂମିକା ଉପରେ ସଚେତନତା କାର୍ଯ୍ୟକ୍ରମ।
- ଭାରତୀୟ ମୂଲ୍ୟବୋଧ ସହିତ ସଂଯୁକ୍ତ ସାଂସ୍କୃତିକ ଏବଂ ଶିକ୍ଷାଗତ ଖେଳ ବିଷୟବସ୍ତୁ ପାଇଁ ସମର୍ଥନ।

**୩. ବିପଜ୍ଜନକ ଅନଲାଇନ୍ ମନି ଗେମ୍ସ ଉପରେ ପ୍ରତିବନ୍ଧକ**

- ଦକ୍ଷତା କିମ୍ବା ସୁଯୋଗ ଅଥବା ଉଭୟ ଉପରେ ଆଧାରିତ ହୋଇଥାଉ ପଛେ ଅନଲାଇନ ମନି ଗେମ୍ସ ବା ଟଙ୍କା କାରବାର ହେଉଥିବା ଖେଳର ପ୍ରସ୍ତାବ, ପରିଚାଳନା ଏବଂ ସୁବିଧା ପ୍ରଦାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ ହେବ।
- ସବୁ ପ୍ରକାରର ଗଣମାଧ୍ୟମରେ ଅନଲାଇନ୍ ମନି ଗେମ୍ ର ବିଜ୍ଞାପନ ଓ ପ୍ରୋତ୍ସାହନ ନିଷେଧ।
- ଅନଲାଇନ୍ ମନି ଗେମ୍ ସହ ଜଡିତ ଆର୍ଥିକ କାରବାର ନିଷିଦ୍ଧ ହେବ; ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମଗୁଡ଼ିକୁ ଏପରି ପେମେଣ୍ଟ ପ୍ରକ୍ରିୟାକରଣ କରିବା ଉପରେ କଟକଣା।
- ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ଅନୁଯାୟୀ ବେଆଇନ ଗେମିଂ ପ୍ଲାଟଫର୍ମଗୁଡ଼ିକୁ ଆକ୍ସେସ୍ ବା ଉପଲବ୍ଧତାକୁ ବନ୍ଦ କରିବା ପାଇଁ କ୍ଷମତା।

**୪. ଏକ ଅନଲାଇନ୍ ଗେମିଂ ପ୍ରାଧିକରଣ ପ୍ରତିଷ୍ଠା**

- କେନ୍ଦ୍ର ସରକାର ଜାତୀୟ ସ୍ତରୀୟ ପ୍ରାଧିକରଣ ପ୍ରତିଷ୍ଠା କରିବେ କିମ୍ବା ଯେକୌଣସି ବିଦ୍ୟମାନ ପ୍ରାଧିକରଣ କିମ୍ବା ଏକାଧିକ ପ୍ରାଧିକରଣ କିମ୍ବା କୌଣସି ସଂସ୍ଥାକୁ ତଦାରଖ ପାଇଁ ନିଯୁକ୍ତ କରିବେ।
- **ପରିଚାଳନାରେ ସାମିଲ ରହିବ:**
  - ଅନଲାଇନ୍ ଗେମର ବର୍ଗୀକରଣ ଏବଂ ପଞ୍ଜୀକରଣ।
  - କୌଣସି ଗେମ୍ ଅର୍ଥ ଆଧାରିତ ଗେମ୍ ପାଇଁ ଯୋଗ୍ୟ କି ନୁହେଁ ନିର୍ଦ୍ଧାରଣ କରିବା।
  - ଅନଲାଇନ୍ ଗେମ୍ ସଂକ୍ରାନ୍ତ ଆପତ୍ତି ଓ ଅଭିଯୋଗର ସମାଧାନ କରିବା
- ଅନୁପାଳନ ସୁନିଶ୍ଚିତ କରିବା ଲାଗି ପ୍ରାଧିକରଣ ଦ୍ୱାରା ମାର୍ଗଦର୍ଶିକା, ଆଦେଶ ଏବଂ ଅଭ୍ୟାସ ସଂହିତା ସୁନିଶ୍ଚିତ କରାଯିବ।

**୫. ଅପରାଧ ଏବଂ ଦଣ୍ଡ**

- ଅନଲାଇନ୍ ମନି ଗେମିଂର ପ୍ରସ୍ତାବ କିମ୍ବା ସୁବିଧା ପ୍ରଦାନ କରିବା : ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ/କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା
- ମନି ଗେମ୍ ଗୁଡ଼ିକର ବିଜ୍ଞାପନ: ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ/କିମ୍ବା ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା
- ମନି ଗେମ୍ ସଂକ୍ରାନ୍ତ ଆର୍ଥିକ କାରବାର : ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ/କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା।
- ଅପରାଧର ପୁନରାବୃତ୍ତି କ୍ଷେତ୍ରରେ ଅଧିକ ଦଣ୍ଡବିଧାନ, ଯେଉଁଥିରେ ୩-୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି।
- ପ୍ରମୁଖ ଧାରା ଅଧୀନରେ ଅପରାଧକୁ ଧର୍ତ୍ତବ୍ୟ ଏବଂ ଜାମିନ ବିହୀନ ବୋଲି ଧରାଯିବ।

**୬. କର୍ପୋରେଟ୍ ଏବଂ ସଂସ୍ଥାଗତ ଦାୟିତ୍ୱ**

- ଉପଯୁକ୍ତ ସତର୍କତା ଅବଲମ୍ବନ କରାଯାଇଥିବା ପ୍ରମାଣିତ ନହେବା ପର୍ଯ୍ୟନ୍ତ କମ୍ପାନୀ ଏବଂ ଏହାର ଅଧିକାରୀମାନଙ୍କୁ ଆଇନ ଅଧୀନରେ ଅପରାଧ ଲାଗି ଉତ୍ତରଦାୟୀ କରାଯିବ।
- ନିଷ୍ପତ୍ତି ଗ୍ରହଣରେ ଜଡିତ ନଥିବା ସ୍ୱାଧୀନ ନିର୍ଦ୍ଦେଶକ କିମ୍ବା ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକମାନେ ସୁରକ୍ଷିତ।

**ତଦନ୍ତ ଓ ପ୍ରବର୍ତ୍ତନର କ୍ଷମତା**

- କେନ୍ଦ୍ର ସରକାର ଅପରାଧ ସହିତ ଜଡିତ ଡିଜିଟାଲ୍ କିମ୍ବା ଭୌତିକ ସମ୍ପତ୍ତିର ତଦନ୍ତ, ଯାଞ୍ଚ ଏବଂ ଜବତ କରିବା ପାଇଁ ଅଧିକାରୀମାନଙ୍କୁ କ୍ଷମତା ଦେଇପାରନ୍ତି।
- ସନ୍ଦିଗ୍ଧ ଅପରାଧର କିଛି ମାମଲାରେ ବିନା ୱାରେଣ୍ଟରେ ପ୍ରବେଶ, ଯାଞ୍ଚ ଏବଂ ଗିରଫ କରିବା ପାଇଁ ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି।
- ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ବ୍ୟବସ୍ଥା ଆଇନ ଅନୁଯାୟୀ ତଦନ୍ତ ପାଇଁ ପ୍ରଯୁଜ୍ୟ।

**୭. ନିୟମ ପ୍ରସ୍ତୁତକାରୀ କ୍ଷମତା ଏବଂ ନ୍ୟସ୍ତ ଆଇନ**

ନିମ୍ନୋକ୍ତ ନିୟମ ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି:

- ଇ-ସ୍ପୋର୍ଟସ୍ ଏବଂ ସୋସିଆଲ୍ ଗେମିଂର ପ୍ରୋତ୍ସାହନ।
- ଅନଲାଇନ୍ ଗେମଗୁଡ଼ିକର ସ୍ୱୀକୃତି, ବର୍ଗୀକରଣ ଏବଂ ପଞ୍ଜୀକରଣ।
- ପ୍ରାଧିକରଣର କ୍ଷମତା ଏବଂ ପରିଚାଳନା ବ୍ୟବସ୍ଥା।
- ଏହି ଆଇନ ଅଧୀନରେ ସୁପାରିସ କରାଯିବାକୁ ଥିବା ଅନ୍ୟ କୌଣସି ଆବଶ୍ୟକ ଏବଂ ଅନୁମତିପ୍ରାପ୍ତ ପ୍ରସଙ୍ଗ

**ବିଲ୍‌ର ସକାରାତ୍ମକ ପ୍ରଭାବ :**

- ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ: ବିଶ୍ୱ ଗେମିଂ ରପ୍ତାନି, ନିଯୁକ୍ତି ଏବଂ ନବସୃଜନରେ ଭାରତର ଭୂମିକାକୁ ବୃଦ୍ଧି କରିବ।
- ଯୁବବର୍ଗଙ୍କ ସଶକ୍ତିକରଣ: ଇ-ସ୍ପୋର୍ଟସ୍ ଏବଂ ଦକ୍ଷତା ଆଧାରିତ ଡିଜିଟାଲ୍ ଗେମ୍ ଜରିଆରେ ଗଠନମୂଳକ ଅଂଶଗ୍ରହଣକୁ ପ୍ରୋତ୍ସାହନ।
- ନିରାପଦ ଡିଜିଟାଲ ପରିବେଶ: ପରିବାରଗୁଡ଼ିକୁ ହିଂସାତ୍ମକ ଅନଲାଇନ୍ ମନି ଗେମିଂ ଅଭ୍ୟାସରୁ ରକ୍ଷା କରେ।
- ବିଶ୍ୱ ନେତୃତ୍ୱ: ଦାୟିତ୍ୱପୂର୍ଣ୍ଣ ଗେମିଂ ନବସୃଜନ ଏବଂ ଡିଜିଟାଲ୍ ନୀତି ନିର୍ଦ୍ଧାରଣରେ ଭାରତକୁ ଏକ ଅଗ୍ରଣୀ ଦେଶ ଭାବରେ ସ୍ଥାନିତ କରେ।

ଅନଲାଇନ୍ ଗେମିଂର ପ୍ରୋତ୍ସାହନ ଏବଂ ନିୟାମକ ବିଲ୍, ୨୦୨୫ ଏକ ସନ୍ତୁଳିତ ପଥ ଅନୁସରଣ କରେ। ଏହା ସୁରକ୍ଷିତ ଏବଂ ସକାରାତ୍ମକ ଅନଲାଇନ୍ ଗେମିଂ ମାଧ୍ୟମରେ ନବସୃଜନ ଏବଂ ଯୁବପିଢ଼ିଙ୍କ ସମ୍ପୃକ୍ତିକୁ ଉତ୍ସାହିତ କରିଥାଏ ଏବଂ କ୍ଷତିକାରକ ଅନଲାଇନ୍ ମନି ଗେମକୁ ଦୃଢ଼ ଭାବରେ ନିଷିଦ୍ଧ କରିଥାଏ।

ଏହା ଏକ ନିରାପଦ, ସୁରକ୍ଷିତ ଏବଂ ନବସୃଜନ ଆଧାରିତ ଡିଜିଟାଲ୍ ଇଣ୍ଡିଆ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ସୃଜନ ଶୀଳତାକୁ ବୃଦ୍ଧି କରେ, ନାଗରିକମାନଙ୍କୁ ସୁରକ୍ଷା ଦିଏ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରେ।

ଭୁବନେଶ୍ୱର
୨୧ ଅଗଷ୍ଟ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ, ୨୦/୦୮**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରସଙ୍ଗ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଜାତୀୟ ସୁରକ୍ଷା ପ୍ରତି ବାଂଲାଦେଶୀ ଅନୁପ୍ରବେଶକାରୀ ବିପଦ । କିନ୍ତୁ ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏପରି ଅନୁପ୍ରବେଶକାରୀଙ୍କ ସଂଖ୍ୟା ରାଜ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି । ବାଂଲାଦେଶୀ ଅନୁପ୍ରବେଶକାରୀ ରାଜ୍ୟରେ ବେଆଇନ ଭାବେ ରହିବା ସହିତ ଜାଲ୍ କାଗଜପତ୍ର ଜରିଆରେ ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ୍ କାର୍ଡ ସମେତ ଅନ୍ୟ ସରକାରୀ ପରିଚୟପତ୍ର ଚଞ୍ଚକତା କରି ହାସଲ କରୁଛନ୍ତି । ଏଭଳି ସ୍ଥିତିରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ



କରିବା ସହଜ ନୁହେଁ । ବାଂଲାଦେଶୀ ଅନୁପ୍ରବେଶକରୀମାନେ ଦେଶର ନାଗରିକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି । ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି । ଅତୀତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରସଙ୍ଗରେ ସରକାର ଜାରି କରିଥିବା ବିଭିନ୍ନ ସର୍କୁଲାର ଆଧାରରେ ଏ ପର୍ଯ୍ୟନ୍ତ ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଗୃହ ବିଭାଗ, ପୁଲିସ ବିଭାଗ ପ୍ରତି ଜିଲ୍ଲାରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସର୍ଭେ କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ । ଆଧାର କାର୍ଡ, ଭୋଟର କାର୍ଡ, ରାସନ କାର୍ଡ ଯାଞ୍ଚ କରାଯାଇ ବାସ୍ତବରେ ଯେଉଁମାନେ ଅନୁପ୍ରବେଶକାରୀ ସେମାନଙ୍କ କାର୍ଡ ବାତିଲ କରାଯାଉ । ଏଥି ସହିତ କିଭଳି ଭାବେ ଜାଲ୍ ପ୍ରମାଣପତ୍ର ଜରିଆରେ ଏପରି କାର୍ଡ ଅନୁପ୍ରବେଶକାରୀ ହାସଲ କରିଥିଲେ ତାହା ମଧ୍ୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଅନୁପ୍ରବେଶକରୀଙ୍କ ଚିହ୍ନଟ ବେଳେ ବାଂଲାଦେଶ ହାଇ କମିସନଙ୍କ ସହାୟତା ନିଆଯାଉ । ଚିହ୍ନଟ ପରେ ଅନୁପ୍ରବେଶକାରୀଙ୍କୁ ଡିଟେନସନ୍ ସେଣ୍ଟରରେ ରଖାଯିବା ସହିତ ତୁରନ୍ତ ସେମାନଙ୍କୁ ନିଜ ଦେଶକୁ ପଠାଇବାକୁ ବ୍ୟବସ୍ଥା କରାଯାଉ । ଗୃହ ମନ୍ତ୍ରଣାଳୟର ୨୦୦୯ର ଗାଇଡ୍‌ଲାଇନ୍ ପାଳନ କରି ଏହି ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ମାମଲାରେ ରାଜ୍ୟ ସରକାର, ଗୃହ ସଚିବ, ପୁଲିସ ଡିଜି, ପୁଲିସ କମିଶନର, କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି ।

# ପୁଣି ଅନ୍‌ଲାଇନ୍‌ରେ ମହାପ୍ରସାଦ ବିଜ୍ଞାପନ



**ପୁରୀ, ୨୦/୮ ନ୍ୟୁଜ ବ୍ୟୁରୋ**

ମହାପ୍ରସାଦ ନାଁ' ନେଇ ମୁନାଫା କମାଇବାର ମାଧ୍ୟମ ସାଜିଛି ଅନ୍‌ଲାଇନ୍ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍ ଦଣ୍ଡର ଭୟ ଦେଖାଯାଇଛି । ସେବାୟତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ତଥାପି ଅନଲାଇନ୍‌ରେ ମହାପ୍ରସାଦ ନାଁ'ରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ । ପୁଣି ଏକ ସଂସ୍ଥା ସୋସିଆଲ ମିଡିଆରେ 'ଖଜା' ଓ 'ନିର୍ମାଲ୍ୟ' ପୁଡ଼ିଆର ଚିତ୍ର ପୋଷ୍ଟ କରି ଅର୍ଡର ଦେବାକୁ ନିବେଦନ କରିଛନ୍ତି । କିଛି ଅନୁଷ୍ଠାନର ଏଭଳି ମନମାନି ବିରୋଧରେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି କର୍ମକର୍ତ୍ତା ଏବଂ ଖଜା ବ୍ୟବସାୟୀ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏକ ସୋସିଆଲ ମିଡିଆର ଫେସବୁକ ପୋଷ୍ଟରେ ଖଜାର ପ୍ରତି କେଜି ପିଛା ମୂଲ୍ୟ ସୂଚିତ ହୋଇଛି ୧୨ଶହ ଟଙ୍କା । ଯଦିଓ ପୁରୀରେ ଖଜାର ଦର ୨ଶହରୁ ଆରମ୍ଭ, କିନ୍ତୁ କିଛି ବ୍ୟକ୍ତିବିଶେଷ ସୋସିଆଲ୍ ମିଡିଆରେ ବିଜ୍ଞାପନ ଦେଇ ୧୨ଶହ ଟଙ୍କାରେ ବିକ୍ରି କରୁଛନ୍ତି । ଉକ୍ତ ସଂସ୍ଥା ଅର୍ଡର ରଖିବା ପରେ ଯେଉଁ ଖଜାକୁ ମହାପ୍ରସାଦ କହି ଲୋକଙ୍କ ନିକଟରେ ପହଞ୍ଚାଯାଉଛି ଲୋକେ ହୁଏତ ବିଶ୍ୱାସରେ ଏହାକୁ ମହାପ୍ରସାଦ ଭାବି ପାଉଥିବେ । ଶ୍ରୀମନ୍ଦିର ବାହାରେ ଖଜା ବିକ୍ରି ହେଉଥିଲେ ହେଁ, ଏହା ମହାପ୍ରସାଦ ନୁହେଁ । ତେଣୁ ବାହାରୁ ଖଜା କିଣି ନେଇ ଏହାକୁ ମହାପ୍ରସାଦ ନାଁ' ଦେଇ ଭକ୍ତଙ୍କ ନିକଟରେ ପହଞ୍ଚାଇବା ଅର୍ଥ ଭକ୍ତଙ୍କ ଭାବାବେଗ ସହ ଖେଳିବା ସହ ସମାନ ।

# କିଟ୍ ପଲିଟେକ୍‌ନିକ୍‌ର ୩୧ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର, ୨୦ ।୮**
**ନ୍ୟୁଜ ବ୍ୟୁରୋ**

କିଟ୍ ପଲିଟେକ୍‌ନିକ୍‌ର ୩୧ତମ ପ୍ରତିଷ୍ଠା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଡ. ସାମନ୍ତ କହିଲେ, ସବୁବେଳେ ନିଜ ସହ ପ୍ରତିଯୋଗିତା କରିବାକୁ ଚେଷ୍ଟା କର । ଥିଲି କ'ଣ, ହେଲି କ'ଣ ଓ ହେବି କ'ଣ ଉକ୍ତିର ଉଦାହରଣ ଦେଇ ଡ. ସାମନ୍ତ କହିଲେ, ଛାତ୍ରଛାତ୍ରୀମାନେ ନିଜର ମୂଳ ବା ଅତୀତକୁ କେବେ ବି ଭୁଲିବା ଉଚିତ ନୁହେଁ । ପିତା ମାତା, ଅଭିଭାବକ ଓ ନିଜ ଜନ୍ମସ୍ଥାନ ତଥା ବାଲ୍ୟବନ୍ଧୁଙ୍କୁ କେବେ ବି ଭୁଲିଯିବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କହିଲେ, ପଲିଟେକ୍‌ନିକ ଦେଶର ଅଗ୍ରଣୀ ପଲିଟେକ୍‌ନିକ ମଧ୍ୟରୁ ଅନ୍ୟତମ । ଏଠାରେ ପଢୁଥିବା ଛାତ୍ରଛାତ୍ରୀମାନେ ସେଥିପାଇଁ ନିଜକୁ ଗର୍ବ ଅନୁଭବ କରିବା ଉଚିତ । ଏହି ଅବସରରେ କିଟ୍ ସ୍କିଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ଡ. ହୃଷୀକେଶ ମହାନ୍ତି କହିଲେ, ସେ ବିଶ୍ୱର ପ୍ରତିଷ୍ଠିତ ପଲିଟେକ୍‌ନିକଗୁଡ଼ିକୁ ଦେଖିବାର ସୁଯୋଗ ପାଇଛନ୍ତି । କିଟ୍ ପଲିଟେକ୍‌ନିକ୍ ତା' ତୁଳନାରେ ଯଥେଷ୍ଟ ଭଲ । କିଟ୍ ନିକଟ ଭବିଷ୍ୟତରେ ଏକ ସ୍କିଲ୍ ହବ୍ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଟିଇର କାର୍ଯ୍ୟକାରୀ ସମ୍ପାଦକ ଡ. ଏସ୍ ଏମ୍ ଅଲ୍ଲୀ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜ୍ଞାନରଞ୍ଜନ ମହାନ୍ତି ଓ କିଟ୍ ପଲିଟେକ୍‌ନିକ ଅଧ୍ୟକ୍ଷ ପ୍ରଫେସର ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ କିଟ୍ ପଲିଟେକ୍‌ନିକ ବାର୍ଷିକ ମୁଖପତ୍ର 'କର୍ମକାର'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅସମ୍ପୂର୍ଣ୍ଣ, ଖାଲଢିପ କିମ୍ୱା ଟ୍ରାଫିକ ଜାମ୍ ଥିବା ରାଜପଥରେ ଟୋଲ୍ ଆଦାୟ ମନା

**ନୂଆଦିଲ୍ଲୀ, ୨୦।୮**

ଜାତୀୟ ରାଜପଥକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଅସମ୍ପୂର୍ଣ୍ଣ, ଖାଲଢିପ କିମ୍ୱା ଟ୍ରାଫିକ୍ ଜାମ୍ ଥିବା ରାଜପଥରେ ଟୋଲ୍ ଆଦାୟ ମନା । ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ଯାତ୍ରୀମାନଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ତ୍ରିସୁର ଜିଲ୍ଲାର ପାଲିୟେକ୍କାରା ପ୍ଲାଜାରେ ଟୋଲ୍ ଆଦାୟ ଉପରେ ରୋକ୍ ଲଗାଇବା ପାଇଁ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କୋର୍ଟ ବଜାୟ ରଖିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ



ବିଚାରପତି ଭୂଷଣ ଆର ଗଭାଇଙ୍କ ଅଧ୍ୟକ୍ଷତାରେ ବିଚାରପତି କେ ବିନୋଦ ଚନ୍ଦ୍ରନ ଏବଂ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଏବଂ ରିହାତି ପ୍ରଦାନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି । ଏହା ସହିତ ସ୍ଥଗିତ ଟୋଲ୍ ଆଦାୟ ଯୋଗୁଁ ହେଉଥିବା ଆର୍ଥିକ କ୍ଷତି ଅପେକ୍ଷା ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଛନ୍ତି । କେରଳ ହାଇକୋର୍ଟ ରାୟ ଦେଇଥିଲେ ଯେ, ଏନଏଚଏଆଇ ବା ସେମାନଙ୍କ ଏଜେଣ୍ଟମାନେ ନିରବିଚ୍ଛିନ୍ନ, ନିରାପଦ ଏବଂ ନିୟମିତ ରାସ୍ତା ପ୍ରବେଶ ସୁନିଶ୍ଚିତ କରିବାରେ ବିଫଳ ହେବା ଜନସାଧାରଣଙ୍କ ଆଶାର ଉଲ୍ଲଂଘନ ସହିତ ସମାନ ଏବଂ ଏହା ଟୋଲ୍ ସିଷ୍ଟମର ମୂଳଦୁଆକୁ ଦୁର୍ବଳ କରୁଛି । ସୁପ୍ରିମକୋର୍ଟ କହିଥିଲେ, 'ଆମେ ହାଇକୋର୍ଟଙ୍କ ଯୁକ୍ତି ସହ ସହମତ । ଉପଭୋକ୍ତାମାନେ ଟ୍ୟାକ୍ସ ଦେବାର ଅର୍ଥ ସେମାନେ ଭଲ ରାସ୍ତାରେ ଯାତାୟାତ କରିବା ଉଚିତ୍ । ଏହା ସହିତ ଖଣ୍ଡପୀଠ ଏନଏଚଏଆଇର ଯୁକ୍ତିକୁ ଖାରଜ କରିଦେଇଥିଲେ । କେରଳ ହାଇକୋର୍ଟଙ୍କ ୬ ଅଗଷ୍ଟର ରାୟକୁ ସମର୍ଥନ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ନାଗରିକଙ୍କୁ ସେହି ରାସ୍ତାରେ ଯିବା-ଆସିବା କରିବା ଉଚିତ୍, ଯେଉଁ ରାସ୍ତା ପାଇଁ ସେମାନେ ପୂର୍ବରୁ ଟ୍ୟାକ୍ସ ଦେଇସାରିଛନ୍ତି ଏବଂ ଖାଲ-ଢିପ ରାସ୍ତା ଦେଇ ଯିବା ଆସିବା ଯାତ୍ରୀଙ୍କୁ ଆଉ ଟ୍ୟାକ୍ସ ପେମେଣ୍ଟ କରିବାକୁ ପଡ଼ିବନି ।

# ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ : ୨୫ରୁ ୩୧ ଯାଏ ଆବେଦନ

**ଭୁବନେଶ୍ୱର,୨୦/୦୮**
**ନ୍ୟୁଜ ବ୍ୟୁରୋ**

ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୫ ତାରିଖରୁ ଆବେଦନ ଆରମ୍ଭ ହେବ । ନାମ ଲେଖାଇବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ସାମ୍‌ସ ୱେବ୍‌ସାଇଟ୍ ମାଧ୍ୟମରେ ୩୧ ତାରିଖ ସୁଦ୍ଧା ଆବେଦନ କରିପାରିବେ । ଏହି ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୬ରୁ ୧୦ ତାରିଖ ମଧ୍ୟରେ ନାମ ଲେଖାଇବେ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନିର୍ଦ୍ଦେଶାଳୟ ସୂଚନା ଦେଇଛି ଯେ, ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ଅଡମିଶନ ପାଇଁ ସେପ୍ଟେମ୍ବର ୧୨ରୁ ୧୩ ଯାଏ ଚଏସ୍ ଲକିଂ ସୁବିଧା ଉପଲବ୍ଧ ରହିବ । ଚଏସ୍ ନାମଲେଖା ପାଇଁ ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ମେଧା ତାଲିକା ୧୭ ତାରିଖରେ ପ୍ରକାଶ ପାଇବ । ୧୮ରୁ ୧୯ ତାରିଖ ମଧ୍ୟରେ ଏହି ତାଲିକାରେ ଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇବାର ସୁଯୋଗ ପାଇବେ । ଆଉ ବଳକା ସିଟ୍‌ରେ ନାମଲେଖା ପାଇଁ ୨୨ ତାରିଖ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ହାତଲେଖା ଦରଖାସ୍ତ ଆହ୍ୱାନ କରାଯିବ । ଏହାର ମେଧା ତାଲିକା ସେହିଦିନ ସାଢ଼େ ୪ଟାରେ ପ୍ରକାଶ ପାଇବ । ୨୪ ତାରିଖ ମଧ୍ୟରେ ସମସ୍ତ ଚୟନ ଛାତ୍ରଛାତ୍ରୀଙ୍କର ନାମଲେଖା ଶେଷ ହେବ । ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ନାମଲେଖା ଗତ ୧୬ ତାରିଖରେ ଶେଷ ହୋଇଛି । ଯୁକ୍ତ ଦୁଇ ନାମଲେଖା ପାଇଁ ମୋଟ ୫ ଲକ୍ଷ ୯୨ ହଜାର ୧୧ଟି ସିଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୫୮ ହଜାର ୪୩୦ ସିଟ୍‌ରେ ନାମଲେଖା ହୋଇଛି । ଆହୁରି ୨ ଲକ୍ଷ ୩ ହଜାର ୫୮୧ ସିଟ୍ ଖାଲି ପଡ଼ିଛି । ଗତ ଜୁଲାଇ ୨୪ ତାରିଖରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପିଲାଙ୍କର ପାଠପଢ଼ା ଆରମ୍ଭ ହୋଇଛି ।

## 'ଦି ସିଲିଭର୍ସ' ବରିଷ୍ଠ ନାଗରିକ ସଂଘର ୭ମ ସ୍ୱନକ୍ଷେତ୍ର ଉତ୍ସବ

# ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସେବା ଓ ସମ୍ମାନ ପ୍ରଦାନ କରାଯାଉ



**ଭୁବନେଶ୍ୱର, ୨୦/୮**
**ନ୍ୟୁଜ ବ୍ୟୁରୋ**

ସମାଜରେ ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସେବା ଓ ସମ୍ମାନ ପ୍ରଦାନ କରିବା ଦିଗରେ ପ୍ରତ୍ୟେକ ସଚେତନ ହେବା ଜରୁରୀ ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି । ଦି ସିଲିଭର୍ସ ବରିଷ୍ଠ ନାଗରିକ ସଂଘର ସପ୍ତମ ସ୍ୱନକ୍ଷେତ୍ର ଉତ୍ସବ, ଚେତନା ସ୍ୱତନ୍ତ୍ର ବିଦ୍ୟାଳୟ ସହିତ ମିଳିତ ଭାବରେ ଆୟୋଜିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଏକ ଆଲୋଚନାଚକ୍ର 'ସୁସ୍ଥ ବାର୍ଦ୍ଧକ୍ୟ: ପରବର୍ତ୍ତୀ ଜୀବନର ଶାରିରୀକ, ମାନସିକ ଏବଂ ଭାବ ପ୍ରବଣ ସୁସ୍ଥତା' ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼. ସ୍ୱାତୀ ମିଶ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ତଥା ଚେତନା ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ଼ଃ ନାରାୟଣ ଚନ୍ଦ୍ର ପତି, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ମୁଖ୍ୟ ବକ୍ତା ଭାବେ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୋପାଳକୃଷ୍ଣ ନନ୍ଦ, ଅଧିବକ୍ତା ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ମଧୁମାଧବ ଜେନାଙ୍କ ସହିତ ଦି ସିଲିଭର୍ସର ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ପାଦକ କୈଳାଶ ଚନ୍ଦ୍ର ମିଶ୍ର, ଦି ସିଲିଭର୍ସର ସମସ୍ତ ସଦସ୍ୟ ଏବଂ ବିଶିଷ୍ଟ ବିଦ୍ୟୁତ ଯନ୍ତ୍ରୀ ଇଂ ମନୋଜ କୁମାର ଦାସ ପ୍ରଥମ ଅଧିବେଶନରେ ଯୋଗଦେଇ ନିଜର ବହୁମୂଲ୍ୟ ଅଭିଭାଷଣ ରଖିଥିଲେ ଏବଂ ଦି ସିଲିଭର୍ସ ତରଫରୁ ବାର୍ଷିକ ସ୍ମରଣିକା ଉନ୍ମୋଚନ ହେବା ସହ ଡ଼. ସ୍ୱାତୀ ମିଶ୍ରଙ୍କ ଦ୍ୱାରା ଗରିମାମୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଡ଼ଃ ମନୋଜ କୁମାର ମହାନ୍ତି, ହାଡିବନ୍ଧୁ ପଟ୍ଟନାୟକ, ବିଜୟ କୁମାର ଦାସ, ସଭାପତି, ଶାଶ୍ୱତ ବରିଷ୍ଠ ନାଗରିକ ସଂଘ ଏବଂ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ଯୁଗଳ କିଶୋର ସାହୁ ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସନ୍ ସାଇନ ହସ୍ପିଟାଲ ତରଫରୁ ଡାକ୍ତର ମୌସୁମୀ ପତିଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କ ସହିତ ଚେତନା ଅନୁଷ୍ଠାନର କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନଙ୍କର ବିନାମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଦି ସିଲିଭର୍ସର ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ର କାର୍ଯ୍ୟକ୍ରମର ଆବାହକ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଏବଂ ଚେତନା ସ୍କୁଲ ଓ କଲେଜର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପୁରୀରେ ଶୋଷଣର ଶିକାର ହେଉଛନ୍ତି ପର୍ଯ୍ୟଟକ

**ପୁରୀ, ୨୦/୮ ନ୍ୟୁଜ ବ୍ୟୁରୋ**

ବିଶ୍ୱ ପର୍ଯ୍ୟଟନସ୍ଥଳୀ ତଥା ଐତିହ୍ୟ ନଗରୀ ପୁରୀକୁ ଦେଶ ବିଦେଶରୁ ଆସୁଥିବା ଭକ୍ତ ପର୍ଯ୍ୟଟକମାନେ ଟୁର ଅପରେଟରମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି । ଏପରିକି ଅନେକ ଟୁର ଅପରେଟରଙ୍କ ସ୍ଥାୟୀ କାର୍ଯ୍ୟାଳୟ ନଥିବା ବେଳେ ସେମାନେ ସରକାରୀ ଜମିକୁ ଜବରଦଖଲ କରି ସେଠାରେ ଗୋଟିଏ ଲେଖାଏଁ କ୍ୟାବିନ୍ ପକାଇ ପର୍ଯ୍ୟଟକମାନଙ୍କୁ ବର୍ଷ ବର୍ଷ ଧରି ଲୁଟି ଚାଲିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଶୋଇ ରହିଥିବା ପୁରୀ ପୁଲିସର ନିଦ ଭାଙ୍ଗିଛି । ପୁରୀ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ ହେବା ପରେ ପୁଲିସ ଅଧିକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପରିଚାଳନାରେ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ୮ ଜଣ ଇନ୍ସପେକ୍ଟର, ୨୦ ଜଣ ଅଫିସର ଓ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ପୁରୀ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ଟ୍ରାଭେଲ୍ ଏଜେନ୍ସିର ବୁକିଂ କାଉଣ୍ଟରରେ ଚଢ଼ଉ କରିଥିଲେ । ପୁରୀ ସହରରେ ପ୍ରଥମ ଥର ପାଇଁ ଶତାଧିକ ବୁକିଂ କାଉଣ୍ଟରରେ ଚଢ଼ଉ କରି ପୁଲିସ ପ୍ରାୟ ୬୩ରୁ ଅଧିକ ଟ୍ରାଭେଲ୍‌ସ ବ୍ୟବସାୟ କରୁଥିବା ମାଲିକ ଓ କର୍ମଚାରୀମାନଙ୍କୁ ଉଠାଇ ନେଇଥିଲା ।

## କେ.ମାଳତୀ ପ୍ରଧାନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୦/୮ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ହୁମ୍ମାଠାରେ ଏକ ଦୁଃଖଦ ଦୁର୍ଘଟଣାରେ କେ. ମାଳତୀ ପ୍ରଧାନ (ସ୍ୱାମୀ – କେ. ରାଜେନ୍ଦ୍ର ପ୍ରଧାନ)ଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

# ବିଶ୍ୱ ମଶା ଦିବସ : ରୂପ ବଦଳାଉଛି ଏଡିସ୍ ମଶା

**ଭୁବନେଶ୍ୱର, ୨୦/୮**
**ନ୍ୟୁଜ ବ୍ୟୁରୋ**

ଡେଙ୍ଗୁ ଓ ମ୍ୟାଲେରିଆକୁ ନେଇ ରାଜ୍ୟସାରା ଭୟ ଲାଗିରହିଛି । ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ଆଶ୍ଚର୍ଯ୍ୟର କଥା ହେଉଛି, ଡେଙ୍ଗୁ ବାହକ ମଶା ମଧ୍ୟ ନିଜ ରୂପ ବଦଳାଇ ଚାଲିଛି । ପୂର୍ବରୁ ଡେଙ୍ଗୁ ପଛରେ କେବଳ ଏଡିସ୍ ଏଜିପ୍ଟ ମଶା କାରଣ ଥିଲା । ଗତ ୨ବର୍ଷ ହେବ ଏଡିସ ମଶାର ଏକ ନୂଆ ପ୍ରଜାତି ଏଡିସ୍ ଆଲବାପିକ୍ଟସ ଠାବ କରାଯାଇଛି । ଏହି ମଶାକୁ ବାଘୁଆ ମଶା କୁହାଯାଉଥିବା ବେଳେ ଭୁବନେଶ୍ୱରରେ ଏହା ଅଧିକ ରହିଛନ୍ତି । ଆଲବାପିକ୍ଟସ ପ୍ରଜାତିର ମଶା ଯୋଗୁ ଅଧିକ ଡେଙ୍ଗୁ ବ୍ୟାପୁଥିବା ଜଣାପଡ଼ିଛି । ଏହି ପ୍ରଜାତିର ମଶା ଘର ଅପେକ୍ଷା ବାହ୍ୟ ପରିବେଶରେ ଅଧିକ ବିଚରଣ କରନ୍ତି । ଏହି ମଶା କାମୁଡ଼ିଲେ କେବଳ ଡେଙ୍ଗୁ ନୁହେଁ ବରଂ ଚିକୁନଗୁନିଆ, ଫାଇଲେରିଆ ହେବାର ଆଶଙ୍କା ମଧ୍ୟ ରହିଛି । ଖୋର୍ଦ୍ଧା ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏବେ ସୁଦ୍ଧା ଭୁବନେଶ୍ୱରକୁ ମିଶାଇ ଜିଲ୍ଲାରେ ମୋଟ ୪୧୦ ରୋଗୀ



ଚିହ୍ନଟ ହୋଇଛନ୍ତି । ଯଦି ସଂଖ୍ୟା ଉପରେ ନଜର ଦେବା, ଜାନୁଆରୀରେ ୧୬, ଫେବ୍ରୁୟାରୀରେ ୫, ମାର୍ଚ୍ଚରେ ୨, ଏପ୍ରିଲରେ ୬, ମେ'ରେ ୧୪ ରୋଗୀ ଚିହ୍ନଟ ହୋଇଥିଲେ । ହେଲେ ଜୁନ୍ ପରେ ଆକ୍ରାନ୍ତଙ୍କ ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ବଢୁଛି । ବର୍ଷା ହେବାପରେ ମଶାଙ୍କ ଉତ୍ପାତ ଅଥୟ କରୁଥିବା ବେଳେ ହସ୍ପିଟାଲକୁ ଡେଙ୍ଗୁ ଆକ୍ରାନ୍ତମାନେ ଧାଉଁଛନ୍ତି । ଜୁନ୍‌ରେ ୯୮, ଜୁଲାଇରେ ସର୍ବାଧିକ ୧୮୮, ଅଗଷ୍ଟ ସୁଦ୍ଧା ୮୧ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଠାବ କରିସାରିଲାଣି । ଭୁବନେଶ୍ୱର ସହରାଞ୍ଚଳରେ ଗତ ଏପ୍ରିଲ ୨୩ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ୨୦୮ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି । ଏଥିମଧ୍ୟରେ ପଟିଆ ଅଞ୍ଚଳରେ ସର୍ବାଧିକ ୩୧ ରୋଗୀ ଅଛନ୍ତି । ଏବେବି ଡେଙ୍ଗୁକୁ ନେଇ ଅନେକ ଭ୍ରାନ୍ତ ଧାରଣା ରହିଛି । ବିଶେଷକରି ବସ୍ତି ଅଞ୍ଚଳରେ ସଫେଇ ଓ ସଚେତନ ଅଭାବ ଥିବାରୁ ରୋଗ ବାହାରୁଛି । କାହାକୁ ଜ୍ୱର ହେଲେ ଲୋକେ ହେୟଜ୍ଞାନ କରୁଛନ୍ତି । ସେଥିପାଇଁ ବସ୍ତି ଅଞ୍ଚଳରେ ଟେଷ୍ଟିଂ କମ୍ ରହୁଛି । ପୂର୍ବରୁ ହେଉଥିବା ଡେଙ୍ଗୁ ଜ୍ୱର ପଛରେ ଏଡିସ୍ ଏଜିପ୍ଟ ମଶା ରହିଥିଲା । ବର୍ତ୍ତମାନ ଏଡିସ୍ ଆଲ୍‌ବାପିକ୍ଟସ୍ ବାହାରିଛି । ୨୦୨୩ରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମଆରସି) ଏହା ଉପରେ ଗବେଷଣା କରିଥିଲା । ଏଜିପଟ୍ ତୁଳନାରେ ଆଲବାପିକ୍ଟସ ୭୦ ପ୍ରତିଶତ ଅଧିକ ଚିହ୍ନଟ ହୋଇଥିଲା । ଯାହା ଭୁବନେଶ୍ୱରର ୧୪ଟି ସ୍ଥାନରେ ଥିଲା । ଏଜିପଟ ଘର ଭିତର ଓ ଚାରିପାଖେ ରହେ । ଆଲବାପିକ୍ଟସ ଘର ବାହାରେ ବୁଲେ । ତେଣୁ ଏହା କାମୁଡିବାର ବହୁତ ଆଶଙ୍କା ରହିଛି । ହେଲେ ଏ ଦିଗରେ ସଚେତନତା ନାହିଁ । ସହରାଞ୍ଚଳରେ ରୋଗ ନିୟନ୍ତ୍ରଣ ସାଙ୍ଗକୁ ଅନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସହରାଞ୍ଚଳ କାର୍ଯ୍ୟକ୍ରମ ପରିଚାଳନା (ସିପିଏମ୍) ୟୁନିଟ୍ ଗଠନ ହୋଇଛି । ମାତ୍ର ଏଥିରେ କର୍ମଚାରୀ ସଂଖ୍ୟା ବହୁତ କମ୍ । ଅଳ୍ପ କର୍ମଚାରୀଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ଚାଲିଛି । ସେହିପରି ଭୁବନେଶ୍ୱରରେ ୨୫ ପ୍ରତିଶତ ଲୋକ ବିଶିଷ୍ଟ ଅଞ୍ଚଳରେ ଆଶା କର୍ମୀ ଅଛନ୍ତି । ଅବଶିଷ୍ଟ ଅଞ୍ଚଳରେ ଆଶା ନଥିବାରୁ ସ୍ୱାସ୍ଥ୍ୟ ସଚେତନତା ତ୍ୱରାନ୍ୱିତ ହୋଇପାରୁନି । ଏନେଇ ଏଡିପିଏଚଓ ଡା. ନୀଳମଣି ସେନାପତି କୁହନ୍ତି, ଆମ ପାଖରେ ଜଣେ ସିପିଏମ ଓ ଜଣେ ଏପିଏମ୍ ଅଛନ୍ତି । କମ୍ ଲୋକ ଥିବା ସତ୍ତ୍ୱେ ଡେଙ୍ଗୁ ଓ ମଶା ସଚେତନତା ଜୋରଦାର କରୁଛୁ । ହେଲେ ବସ୍ତି ଅଞ୍ଚଳରେ ଅଧିକ କାର୍ଯ୍ୟକ୍ରମ ହୋଇପାରୁନି । ଏଡିସ୍ ଆଲବାପିକ୍ଟସ ସଫା ଜଳରେ ଜନ୍ମ ନିଏ । ତେଣୁ ଲୋକେ ସେଥିପ୍ରତି ସଚେତନ ହେବେ । ବସ୍ତିରେ ଅଧିକ ସଚେତନ ପାଇଁ ଫୋକସ ଦେବୁ । କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ରୂପଭାନୁ ମିଶ୍ର କହିଛନ୍ତି, କ୍ୟାପିଟାଲ ହସ୍ପିଟାଲରେ ବର୍ତ୍ତମାନ ୧୦ଟି ବେଡ ବିଶିଷ୍ଟ ଡେଙ୍ଗୁ ୱାର୍ଡ ରହିଛି । ସ୍ଥାନାଭାବରୁ ଏହା ବଢ଼ିପାରୁନି । ତଥାପି ଉନ୍ନତ ଚିକିତ୍ସା ଯୋଗାଇବାକୁ ଆମେ କାମ କରୁଛୁ । ପ୍ରକାଶ ଥାଉକି, ବିଶ୍ୱରେ ପ୍ରାୟ ୩ ହଜାର ୫୦୦ ପ୍ରକାର ମଶା ରହିଛି । ଏଥିରୁ ମାତ୍ର ୬ ପ୍ରତିଶତ ମଶା ରକ୍ତ ଶୋଷିଥାନ୍ତି । ଡେଙ୍ଗୁ ମଶା କାମୁଡ଼ିବାର ୪/୫ଦିନ ପରେ ଜ୍ୱରର ଲକ୍ଷଣ ଦେଖାଦିଏ । ରାଜ୍ୟରେ ଡେଙ୍ଗୁ ସ୍ଥିତି ମଧ୍ୟ ଉଦ୍‌ବେଗଜନକ । ୨୦୨୦ରେ ୪୪୯୬, ୨୦୨୧ରେ ୭୫୪୮, ୨୦୨୨ରେ ୭୦୬୩, ୨୦୨୩ରେ ୧୨୮୪୫ ଓ ୨୦୨୪ରେ ୯୮୯୨ ରୋଗୀ ଚିହ୍ନଟ ହୋଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ରିପୋର୍ଟରୁ ଜଣାପଡିଛି ।

# ରାଜଧାନୀରେ ଆତ୍ମହତ୍ୟା ସ୍ଥିତି ଉଦ୍‌ବେଗଜନକ : ୬ମାସରେ ଗଲାଣି ୧୬୮ ଜୀବନ

**ଭୁବନେଶ୍ୱର, ୨୦/୦୮**
**ନ୍ୟୁଜ ବ୍ୟୁରୋ**

ରାତି ପାହିଲେ କେହି ନା କେହି ଆତ୍ମହତ୍ୟା କରୁଛନ୍ତି । କିଏ ବିଷ ଖାଇ ଦେଉଛି ତ ପୁଣି କିଏ ଫାଶି ଦେଇ ଜୀବନ ହାରୁଛି । କମିଶନରେଟ୍ ପୁଲିସ୍‌ର ରିପୋର୍ଟ କହୁଛି ଯେ, ଗତ ୬ ମାସ ଭିତରେ ଭୁବନେଶ୍ୱର ୟୁପିଡିରେ ୧୬୮ ଜଣ ଆତ୍ମହତ୍ୟା କରିଛନ୍ତି । ସେଥିରୁ ୯୫% ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି । ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି । ହେଲେ ଆତ୍ମହତ୍ୟା ପଛରେ କ'ଣ କାରଣ ସେ ବିଷୟରେ ପୁଲିସ୍ କିଛି ଜାଣି ପାରୁନି । ବିଗତ ଦିନରେ ରାଜନେତାଙ୍କ ଠାରୁ ଆରମ୍ଭ କରି ଆଗଧାଡ଼ିର କଳାକାର, ଛାତ୍ରଛାତ୍ରୀ, ବ୍ୟବସାୟୀ, ମଡେଲ୍, ଇଂଜିନିୟର, ଶ୍ରମିକ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା ପରେ ଗଣମାଧ୍ୟମରେ ଚର୍ଚ୍ଚା ହୁଏ କିଏ ପ୍ରେମ ପାଇଁ ତ କିଏ ଆର୍ଥିକ ସମସ୍ୟା ନେଇ, ପୁଣି କିଏ ଅପବାଦ ଭୟରେ, ପାରିବାରିକ କଳହ, ମାନସିକ ଚାପରେ ଆତ୍ମହତ୍ୟା କରନ୍ତି । ଜଣେ ବ୍ୟକ୍ତିର ମୃତ୍ୟୁ ପରେ ଏକାଧିକ କାରଣ ବାହାରେ । ଯଦି କୌଣସି ଘଟଣାକୁ ନେଇ ରାଜନୀତି ହୁଏ କିମ୍ବା ଗଣମାଧ୍ୟମରେ ଅଧିକ ସମୟ ଧରି




ଖବର ପ୍ରସାରଣ ହୁଏ ତା'ହେଲେ ପୁଲିସ୍ ଠିକ୍ ଭାବେ ତଦନ୍ତ କରି ଆତ୍ମହତ୍ୟା କରଣ ଖୋଜିବାକୁ ଚେଷ୍ଟା କରେ । ବାକି ମାମଲା ଫାଇଲ୍ ତଳେ ଚାପି ହୋଇ ରହିଯାଏ । ସବୁ ଆତ୍ମହତ୍ୟା ଘଟଣାରେ ପୁଲିସ୍ ଶବ ବ୍ୟବଚ୍ଛେଦ କରି ଭିସେରା ରାଜ୍ୟ ଫରେନ୍ସିକ୍ ଲ୍ୟାବ୍‌କୁ ପଠାଏ । ହେଲେ ରିପୋର୍ଟ ନେବାକୁ ପୁଲିସ୍ କେବେ ଲ୍ୟାବ୍ ଦୁଆର ମୁହଁ ମାଡ଼େ ନାହିଁ । କାରଣ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହ ଶହ ଭିସେରା ଲ୍ୟାବ୍‌ରେ ପଡ଼ିଛି । କିଛିଦିନ ତଳେ ପଟିଆ ଅଞ୍ଚଳରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ହଷ୍ଟେଲ୍ ରୁମ୍‌ରୁ ମିଳିଲା । ଯାହାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା । ପୁଲିସ୍ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରି ଜେଲ୍ ପଠାଇଥିଲା । ହେଲେ ଛାତ୍ରୀଙ୍କ ଆତ୍ମହତ୍ୟା ପଛର ପ୍ରକୃତ କାରଣ କ'ଣ ସେ ବିଷୟରେ କିଛି ଟେର ପାଇଲା ନାହିଁ । ୨୦୨୩ରେ ବିଜେବି କଲେଜର ଜଣେ ଛାତ୍ରୀଙ୍କ ମୃତଦେହ ହଷ୍ଟେଲ୍‌ରୁ ମିଳିଥିଲା । ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡିଲା ନାହିଁ । ଭଗବାନପୁର ଓୟୋ ହୋଟଲରେ କ୍ରମାଗତ ଦୁଇଟି ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ବେଳେ ତା'ର ରହସ୍ୟ ଜଣାପଡ଼ିନି । ଗତ ୬ ମାସରେ ଆତ୍ମହତ୍ୟା କରିଥିବା ୧୬୮ ଜଣଙ୍କ ମଧ୍ୟରୁ ୯୫ ଜଣ ପୁରୁଷ ଅଛନ୍ତି ଓ ବାକି ମହିଳା । ଆତ୍ମହତ୍ୟା ରୋକିବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ପୁଲିସ୍ କମିଶନର ସୂଚନା ଦେଇଛନ୍ତି ।